

ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ୍ୟ ଲାଭ କରେ।
-ଗଙ୍ଗାଧର ମେହେର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜୟଦେବ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସିଆର୍‌ପିଏଫ୍ କ୍ୟାମ୍ପସ୍ ଷ୍ଟାଡିୟମ, ସକାଳ ୯ଟା।
- ଏଚ୍‌ଏଲ୍‌ଡବ୍ଲ୍ୟୁ କ୍ୟାବ୍ ସର୍ଭିସ ପକ୍ଷରୁ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ, କଳିଙ୍ଗ ହସ୍ପିଟାଲ ଛକ, ପୂର୍ବାହ୍ନ ୧୦ଟା।
- ସମର କ୍ରାନ୍ତି ସେନା ପକ୍ଷରୁ ସନ୍ଥ ବିନୋବାଜୀଙ୍କର ୩୭ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଶାନ୍ତି ପଦଯାତ୍ରା, ରେଡକ୍ରସ ଭବନ ପାଖ, ପୂର୍ବାହ୍ନ ୧୦ଟା, ଆଲୋଚନା ଚକ୍ର, ।
- ଓଡ଼ିଆ ଫିଲ୍ମ 'ହିରୋ ନମ୍ବର ଜିରୋ'ର ଶୁଭ ମହୁରତ, ମଧୁବନ ମଣ୍ଡପ, ଇମ୍ପା ପାର୍କ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୦ମ ବାର୍ଷିକ ଉତ୍ସବ, ଯାନ୍ତ୍ରିକ ଭବନ, ସତ୍ୟନଗର, ମଧ୍ୟାହ୍ନ ୧୨ଟା ୩୦।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସୁରଭି ଉପଲକ୍ଷେ ଛାୟା ବିଧାନସଭା, ୟୁନିଟ୍ ୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୩ଟା।
- ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୫ଟା ୩୦।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଫ୍ୟାଶନ ଶୋ, ହୋଟେଲ ମେ ଫେୟାର ଲାଗୁନ, ସନ୍ଧ୍ୟା ୫ଟା ୩୦।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ରାଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ ଅଞ୍ଜଳି ପକ୍ଷରୁ ସଙ୍ଗୀତ ଏବଂ ନୃତ୍ୟ ସନ୍ଧ୍ୟା, ରେଲ୍‌ୱେ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ବେଣ୍ଡୁପୁର ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

■ ଖୋଲିଲା ବିଡିଏ ସିଟି ସେଣ୍ଟର

# ଅନନ୍ୟ ଥିମ୍ ପାର୍କ କରିବ ବିଡିଏ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**




- ■ ଖର୍ଚ୍ଚ ହେବ ୫୦ କୋଟି, ପିପିପି ମୋଡରେ ପୁନରୁଦ୍ଧାର
- ■ ଦିନ ୧୧ରୁ ରାତି ୮ ଯାଏ ଖୋଲିବ, ଟିକେଟ ଦର ୧୦୦
- ■ ୧୧ଟି ଥିମ୍‌ର ମଜାନେବେ ଲୋକେ, ଆଗକୁ ନୂଆ 'ଥିମ୍' ଲଞ୍ଚ ହେବ

ଭୁବନେଶ୍ୱରର ଏକମାତ୍ର ଥିମ୍ ପାର୍କ ବିଡିଏ ସିଟି ସେଣ୍ଟର (ନିକୋ ପାର୍କ)କୁ ନେଇ ବହୁତ୍ କିଛି ଯୋଜନା ରହିଛି। ପାଖାପାଖି ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାର୍କକୁ ରାଜ୍ୟର ଏକ ଅନନ୍ୟ ଥିମ୍ ପାର୍କ କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଯୋଜନା ରଖିଛି। ଏହାର ପୁନରୁଦ୍ଧାର ପ୍ରକ୍ରିୟା ପିପିପି ମୋଡରେ କରିବାକୁ ରାଜ୍ୟ ସରକାରଙ୍କୁ ବିଡିଏ ପ୍ରସ୍ତାବ ଦେଇଛି। ଖୁବ୍‌ଶୀଘ୍ର ଏହାର ପୁନରୁଦ୍ଧାର ଆରମ୍ଭ ହେବ ବୋଲି ବିଡିଏ ସଚିବ ରବୀନ୍ଦ୍ର ନାଥ ମିଶ୍ର କହିଛନ୍ତି।

ବିଡିଏ ସିଟି ସେଣ୍ଟରକୁ ଗୁରୁବାର ପୁଣି ଉଦ୍‌ଘାଟନ କରିବା ଅବସରରେ ସଚିବ ମିଶ୍ର କହିଥିଲେ, ଏହି ପାର୍କ ପାଇଁ ବିଡିଏ ବହୁତ୍ କିଛି ଯୋଜନା ରଖିଛି। କିପରି ଲୋକମାନେ ପାର୍କକୁ ଅଧିକରୁ ଅଧିକ ଆସିବେ ସେଥିପ୍ରତି ବିଡିଏ ଧ୍ୟାନ ଦେବ। 'ଫନୀ'ରେ ପାର୍କର ବ୍ୟାପକ କ୍ଷତି ହୋଇଥିଲା। ଦୀର୍ଘ ୬ ମାସ ବନ୍ଦ ରହିବା ପରେ ପାର୍କର ଏବେ ଅଳ୍ପ କିଛି ଅଂଶ ପୁନରୁଦ୍ଧାର କରାଯାଇ ଖୋଲିଛି। ଆଗକୁ ଏଥିରେ ନୂଆ ନୂଆ 'ଥିମ୍' ଆରମ୍ଭ କରିବାକୁ ବିଡିଏ ଯୋଜନା ରଖିଛି। ବିଡିଏ ଉଦ୍ୟାନବିତ୍ ଅଶୋକାନନ୍ଦ ଧର କହିଛନ୍ତି, ପାର୍କର ଉନ୍ନତୀକରଣ ପାଇଁ ବିଡିଏ ଯୋଜନା କରିସାରିଛି। ଯେଉଁଥିରେ କି ଖାଲି ଛୋଟ ପିଲା ନୁହେଁ ଯୁବବର୍ଗ ଓ ବୃଦ୍ଧମାନଙ୍କୁ ବି ପାର୍କରେ ସମୟ କାଟିବାକୁ ଭଲ ଲାଗିବ।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଏହା ଏକମାତ୍ର ଥିମ୍ ପାର୍କ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁନରୁଦ୍ଧାରରେ ଦେଢ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପୁନରୁଦ୍ଧାର ପରେ ୧୧ଟି ଖେଳକୁ ଠିକ୍ କରାଯାଇଛି। ବାକି ଗୋଟିଏର ପୁନରୁଦ୍ଧାର କରିବାକୁ ଆଉ କିଛି ସମୟ ଲାଗିବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି। ଗୁରୁବାର ଏହାର ପୁନଃ ଉଦ୍‌ଘାଟନ ସକାଶେ ପାର୍କରେ ପ୍ରବେଶ ଶୁଳ୍କକୁ ଲୋକମାନଙ୍କ ପାଇଁ ମୁକ୍ତ କରାଯାଇଥିଲା। ଶୁକ୍ରବାରଠାରୁ ପାର୍କର ଖେଳର ମଜାନେବାକୁ ଲୋକଙ୍କୁ ଶହେ ଟଙ୍କା ଦେଇ ଟିକେଟ କାଟିବାକୁ ପଡ଼ିବ। ଯେଉଁଥିରେ କି ସେମାନେ ୫ଟି ଖେଳର ମଜା ନେଇପାରିବେ। ଏହା ବ୍ୟତୀତ ସେମାନେ ଯେଉଁ ଖେଳ ଖେଳିବାକୁ ଚାହିଁବେ ସେଥିପାଇଁ ତାଙ୍କୁ ଅଧିକ ଦେୟ ଦେବାକୁ ପଡିବ। ବିଡିଏ ନିଜେ ଏହି ପାର୍କ ଚଲାଇବାକୁ ଥିବାରୁ ଲୋକଙ୍କୁ ଟିକେଟ୍ ଦାମ୍ କମ୍ ପଡୁଛି। ପୂର୍ବରୁ ପାର୍କକୁ ପ୍ରବେଶ ଟିକେଟ୍ ଦାମ୍ ୧୫୦ ଟଙ୍କା ରଖା ଯାଇଥିବା ବେଳେ ଏକ ଘରୋଇ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରୁଥିଲା। ଫନୀରେ ପାର୍କ କ୍ଷତିଗ୍ରସ୍ତ ହେବା ପରେ ସମ୍ପୃକ୍ତ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିବାକୁ ଅକ୍ଷମ ଥିବା ଦର୍ଶାଇ ଦାୟିତ୍ୱ ବିଡିଏକୁ ହସ୍ତାନ୍ତର କରିଥିଲା।

■ ଅସୁରକ୍ଷିତ ହୋଇପଡୁଛି ରାତି

# ରାଜଧାନୀ ରାସ୍ତାରେ ବୁଲିଲା ଖଣ୍ଡା, ଭୁଜାଲି

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

**ମଞ୍ଚେଶ୍ୱର ଥାନା ନିକଟରେ ଖେଳାଇଲେ ଆତଙ୍କ**

ରାତିର ରାଜଧାନୀ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ନିକଟରେ କେତେଜଣ ଦୁର୍ବୃତ୍ତ ବାର୍‌ରେ ପଶି ଆତଙ୍କ ଖେଳାଇବା ସହ ରାସ୍ତାରେ ବାର୍ ଡ୍ୟାନ୍ସରଙ୍କୁ ଅଟକାଇ ଲୁଟ୍‌ପାଟ କରିଥିଲେ। ବୁଧବାର ବିଳମ୍ବିତ ରାତିରେ ଆଉଏକ ଘଟଣା ଘଟିଛି। ୫ଜଣ ଦୁର୍ବୃତ୍ତ ମଞ୍ଚେଶ୍ୱର ଥାନା ନିକଟରେ ଖଣ୍ଡା ଓ ଭୁଜାଲି ବୁଲାଇ ଆତଙ୍କ ଖେଳାଇଛନ୍ତି। ମଞ୍ଚେଶ୍ୱର ଛକ ଓ ନିକଟ ପେଟ୍ରୋଲ ପମ୍ପରେ ଥିବା ଲୋକେ ଭୟଭୀତ ହୋଇପଡିଥିଲେ। ଏପରି କି ଜାତୀୟ ରାଜପଥରେ ମଧ୍ୟ ସେମାନେ ଏଭଳି ହୋହଲ୍ଲା କରି ଯାଉଥିବା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନାନୁସାରେ, ଦୁଇଟି ବାଇକରେ ୫ଜଣ ଦୁର୍ବୃତ୍ତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭିତରୁ ହାତରେ ଖଣ୍ଡା ଓ ଭୁଜାଲି ଧରି ବାହାରିଥିଲେ। ଛକରେ ଟିକେ ଅଟକି ରହି ବଡ଼ ପାଟି କରି ଉତ୍ପାତ କରିଥିଲେ। ପରେ ଆଗରେ ଥିବା ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ପୁଣି ବାଇକ୍ ରଖି ଖଣ୍ଡା ଓ ଭୁଜାଲି ବୁଲାଇଥିଲେ। ଏହି ସମୟରେ ସେମାନେ ପେଟ୍ରୋଲ ଟାଙ୍କି ଭିତରକୁ ପଶି ଗୋଟିଏ ଗାଡ଼ିରେ ତେଲ ପକାଇଥିଲେ। ସେଠାରେ କିଛି ସମୟ ଆତଙ୍କ ଖେଳାଇବା ସହ କର୍ମଚାରୀ ଓ ଉପସ୍ଥିତ କେତେଜଣ ଲୋକଙ୍କୁ ନାଲିଆଖି ଦେଖାଇ କଟକ ଆଡକୁ ପଳାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସବୁଠୁ ବଡ଼ କଥା ହେଲା ଥାନା ନିକଟରେ ଏସବୁ କାଣ୍ଡ ଘଟିଥିଲେ ମଧ୍ୟ ପୋଲିସ ନିକଟରେ ଏନେଇ କୌଣସି ଖବର ନ ଥିଲା। ଜଣେ ଖବରଦାତା ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚିଥିଲା। ପେଟ୍ରୋଲ ଟାଙ୍କିରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ବରିମୁଣ୍ଡ ନିକଟରେ ବାଲିଯାତ୍ରା ହେଉଥିବାରୁ ଦୁର୍ବୃତ୍ତମାନେ ଖଣ୍ଡା ଓ ଭୁଜାଲିଧରି ସେଠାକୁ ଯାଇଥିବା ଆଉ କେତେଜଣଙ୍କଠାରୁ ସୂଚନା ମିଳିଛି। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି,ଏନେଇ କେହି ଅଭିଯୋଗ କରିନାହାଁନ୍ତି। ସୂଚନା ମିଳିବା ପରେ ତଦନ୍ତ କରୁଛୁ। ଅଭିଯୁକ୍ତଙ୍କୁ ଗିରଫ କରାଯିବ।

■ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୧୯'

# ରାଜ୍ୟରେ କାର୍ଯ୍ୟ କରୁଛି ୨୪୮ ଶିଶୁ ଯତ୍ନ ଗୃହ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**



ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ମନ୍ତ୍ରୀ ଟୁକୁନି ସାହୁ ଓ ଅତିଥିମାନେ।

ସାମାଜିକ ଏବଂ ପାରିପାର୍ଶ୍ୱିକ କାରଣରୁ ପରିବାରଠାରୁ ଦୂରେଇ ଯାଇଥିବା ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା, ସୁରକ୍ଷିତ ଶୈଶବକୁ ସୁନିଶ୍ଚିତ କରିବା ଲାଗି ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗ ଅଧୀନରେ ସମଗ୍ର ରାଜ୍ୟରେ ୨୪୮ ଶିଶୁ ଯତ୍ନ ଗୃହ କାର୍ଯ୍ୟ କରୁଛି। ଏଥିରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ସହ ଉପଯୁକ୍ତ ପୋଷଣ ଏବଂ ଥଇଥାନ ପାଇଁ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇ ଦେଉଥିବା ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଗୁରୁବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୧୯'କୁ ଉଦ୍‌ଘାଟନ କରି ମନ୍ତ୍ରୀ ସାହୁ ଶିଶୁମାନଙ୍କ ସୃଜନାତ୍ମକ ବିକାଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶିଶୁମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବାଲାଗି ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହୋଇଥିବା କହିଥିଲେ। ବିଭାଗୀୟ ଉପଦେଷ୍ଟା ସୁଲତା ଦେଓ ଏବଂ ଅତିରିକ୍ତ ଶାସନ ସଚିବ ମହେଶ୍ୱର ଅଗସ୍ତୀ ପ୍ରତ୍ୟେକ କ୍ଷେତ୍ରରେ ଶିଶୁଙ୍କ ବିକାଶ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭାଗୀୟ ଯୁଗ୍ମ ସଚିବ ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। ରାଜ୍ୟସ୍ତରୀୟ ଦଳଗତ ନୃତ୍ୟ ପ୍ରତିଯୋଗିତାରେ କନ୍ଧମାଳ ଜିଲା ବନବାସୀ ସେବା ସମିତିର ଶିଶୁମାନେ ବିଜୟୀ ହୋଇଥିବାବେଳେ ପୁରୀ ଜିଲା ନୀଳାଚଳ ସେବା ପ୍ରତିଷ୍ଠାନର ଶିଶୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏକକ କଣ୍ଠସଙ୍ଗୀତ ପ୍ରତିଯୋଗିତାର କନିଷ୍ଠ ବର୍ଗରେ କଳାହାଣ୍ଡି, ବାଲେଶ୍ୱର, କନ୍ଧମାଳ ଏବଂ ବରିଷ୍ଠ ବର୍ଗରେ ଯାଜପୁର, କନ୍ଧମାଳ ଓ ବରଗଡ଼(ଯୁଗ୍ମ), ଖୋର୍ଦ୍ଧା ଜିଲାର ଶିଶୁମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

## ଘରଭଙ୍ଗା ସହାୟତା ଦାବିରେ ଧାରଣା

**ବାଲିଅନ୍ତା, ୧୪।୧୧(ଡି.ଏନ୍.ଏ)**

ଘରଭଙ୍ଗା ସହାୟତା ଦାବିରେ ଗୁରୁବାର ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପଞ୍ଚାୟତ ସାହେବନଗରର ୩ଜଣ ବ୍ୟକ୍ତି ଜଗନ୍ନାଥପୁର ରାଜସ୍ୱ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ପଞ୍ଚାୟତର ସ୍ୱଚ୍ଛଳବର୍ଗ ଲୋକଙ୍କୁ ଘରଭଙ୍ଗା ବାବଦକୁ ୯୫ହଜାର ଟଙ୍କା ମିଳିଥିବା ବେଳେ କଚ୍ଚାଘର ଭାଙ୍ଗିଥିବା ପରିବାରକୁ ଏ ପର୍ଯ୍ୟନ୍ତ ସହାୟତା ମିଳି ନ ଥିବା ଧାରଣାକାରୀ କହିଥିଲେ। ଏ ନେଇ ରାଜସ୍ୱ ଅଧିକାରୀ ଦିଲୀପ ବେହେରା କୁହନ୍ତି, ଫନୀରେ ହୋଇଥିବା କ୍ଷତି ଅନୁଯାୟୀ କ୍ଷତିପୂରଣ ଦିଆଯାଇଛି। କ୍ଷତିଗ୍ରସ୍ତଙ୍କ ପ୍ରତି ଅବହେଳା କରାଯାଉ ନାହିଁ। ସେ ସମୟରେ ଥିବା ରାଜସ୍ୱ ଅଧିକାରୀ ଯାହା କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରିଥିଲେ ସେହି ଅନୁସାରେ ସହାୟତା ରାଶି ଦିଆଯାଇଛି। ବ୍ୟାଙ୍କରେ ବିଳମ୍ବ ହେଉଥିବା ସେ କହିଥିଲେ।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଶିଶୁ ଦିବସ



**ଭୁବନେଶ୍ୱର, ୧୪-୧୧**

ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ.ସ୍ୱରୂପାନନ୍ଦ ମିଶ୍ର ଏହି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାରେ ଶୃଙ୍ଖଳାର ଆବଶ୍ୟକତା ଉପରେ ଡ.ପାଟଶାଣୀ ମତ ରଖିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ ପିଲାମାନଙ୍କୁ କର୍ତ୍ତବ୍ୟ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଉପାଧ୍ୟକ୍ଷ କବିନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ଅଟୋମୋବାଇଲ୍ସ ପକ୍ଷରୁ ଶିଶୁ ଦିବସ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଉତ୍କଳ ଅଟୋମୋବାଇଲ୍ସ ପକ୍ଷରୁ ଗୁରୁବାର ଚେତନା ଇନଷ୍ଟିଚ୍ୟୁଟ୍ ଫର୍ ମେଣ୍ଟାଲି ହାଣ୍ଡିକ୍ୟାପ୍‌ଡ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଶିଶୁମାନଙ୍କୁ କମ୍ବଳ, ଗାମୁଛା, ମୋଜା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦିଆଯାଇଛି। ଏଥିରେ ଉତ୍କଳ ଅଟୋମୋବାଇଲ୍ସର ନିର୍ଦ୍ଦେଶକ ସୌନକ ପାରିଖ ଓ ସୁଦିପ୍ତା ପାରିଖ ଉପସ୍ଥିତ ଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ): ଜଣେ ମହିଳାଙ୍କ ପାଇଁ ଫେସ୍‌ବୁକ୍ ପ୍ରେମ ମହଙ୍ଗା ପଡ଼ିଛି। ତାଙ୍କ ସହ ବନ୍ଧୁତା ପରେ ଜଣେ ଯୁବକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ଚନ୍ଦକା ଅଞ୍ଚଳର ପ୍ରକାଶ ଚନ୍ଦ୍ର ମହାରଣା(୨୪)ଙ୍କୁ ଗୁରୁବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି।

■ ଶ୍ରୀଲିଙ୍ଗରାଜ ମନ୍ଦିର : ଚକଡ଼ା ସିଂହକୁ ତାଡ଼ି ଫୋପାଡ଼ିବା ଘଟଣା

# ପର୍ଯ୍ୟଟନ ବିଭାଗକୁ ଦୋଷ ଦେଲା ଏଏସ୍‌ଆଇ

**ପୁରୁଣା ଭୁବନେଶ୍ୱର, ୧୪। ୧୧ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗର ଖାମଖିଆଲ ମନୋଭାବ ପାଇଁ ମନ୍ଦିରର କେତେକ ପାର୍ଶ୍ୱ ଦେବଦେବୀ ଏବଂ ପ୍ରାଚୀନ ପ୍ରତିମୂର୍ତ୍ତିଗୁଡିକର ଅବକ୍ଷୟ ଘଟୁଛି। ମନ୍ଦିରର ଦକ୍ଷିଣ ପାର୍ଶ୍ୱ ମେଘନାଦ ପାଚେରିକୁ ଲାଗି ରହିଥିବା ଚକଡା ସଂଲଗ୍ନ ଏକ ବିଶାଳ ସିଂହକୁ ତାଡି ଫୋପାଡି ଦିଆଯାଇଥିଲା। ଟ୍ୟୁରିଜମ ବିଭାଗ ପକ୍ଷରୁ ଏଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏକ ଶେଡ ପାଇଁ ଠିକାଦାର ଏହି କାର୍ଯ୍ୟ କରିଥିଲେ। ମୂର୍ତ୍ତିଟିକୁ ଏଣେ ତେଣେ ଡ୍ରୋଜର ସାହାଯ୍ୟରେ ଫିଙ୍ଗିବାରୁ ସିଂହଟିର ବିଭିନ୍ନ ଅଂଶ ଭାଙ୍ଗି ଯାଇଥିଲା। ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଏଏସ୍‌ଆଇ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଫେରି ଆସିବାରୁ ତାଙ୍କର କାର୍ଯ୍ୟକଳାପ ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନତମାମ ସିଂହଟି ଘଟଣାସ୍ଥଳରେ ପୂର୍ବବତ ପଡିଥିଲା। ଏ ନେଇ ଏଏସ୍‌ଆଇର ସଂରକ୍ଷଣ ଅଧୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର କୁହନ୍ତି, ଘଟଣାସ୍ଥଳ ପରିଦର୍ଶନ କରିଛୁ। ପର୍ଯ୍ୟଟନ ବିଭାଗକୁ ସିଂହ କଥା ନେଇ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ପୂର୍ବ ସ୍ଥାନରେ ଅବସ୍ଥାପିତ କରାଯିବ।

# ଶିଶୁମାନେ ଦେଶ ପ୍ରଗତିର ସୂତ୍ରଧର

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**




ଶିଶୁମାନେ ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର। ସେମାନେ ସର୍ବଦା ସୁସ୍ଥ ଓ ନୀରୋଗ ରହିବା ଉଚିତ। ଏଥିପ୍ରତି ରାଷ୍ଟ୍ର ଦୃଷ୍ଟି ଦେବା ଜରୁରୀ। ଏହି ବାର୍ତ୍ତାକୁ ସମ୍ମାନ ଜଣାଇ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଶିଶୁ ଉତ୍ସବ କାର୍ଯ୍ୟକ୍ରମ 'ମେଲାଞ୍ଜ-୨୦୧୯' ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହ ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଚିତ୍ ଶିକ୍ଷା ଦେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶୈକ୍ଷିକ ପ୍ରମୁଖ ବ୍ରହ୍ମାନନ୍ଦ ରାଉତ ଶିଶୁମାନଙ୍କ ପ୍ରତି ଆମର ନୈତିକ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଶିଶୁଙ୍କ ପ୍ରତିଭାକୁ ସର୍ବାଦୃତ କରିବା ଲାଗି 'ପ୍ରତିଭା ପ୍ରଦର୍ଶନ' କାର୍ଯ୍ୟକ୍ରମ ମାଧ୍ୟମରେ କୃତୀ ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟଂ ସତ୍ୟେନ୍ଦୁ, ଉପାଧ୍ୟକ୍ଷ ରାଜେଶ ପାଢ଼ୀ, ଉପାଧ୍ୟକ୍ଷା ଝିନୁକ୍ ଦତ୍ତାରାୟ, ପ୍ରାଥମିକ ଶୈକ୍ଷିକ ପ୍ରମୁଖ ସନ୍ଧ୍ୟାରାଣୀ ସ୍ୱାଇଁ ଏବଂ ସଂଯୋଜିକା ସୁଭଦ୍ରା ମହାନ୍ତି ଉପସ୍ଥିତ ଥିଲେ।

# ମତ୍ସ୍ୟଚାଷ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**



ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଅଧିକ ମତ୍ସ୍ୟ ଉତ୍ପାଦନ ନିମନ୍ତେ ଉନ୍ନତ ଦେଶଗୁଡ଼ିକଠାରୁ ଜ୍ଞାନକୌଶଳ ହାସଲ କରି ରାଜ୍ୟରେ ପ୍ରୟୋଗ କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଗୁରୁବାର ଫିସ୍‌ଫେଡ୍ କାର୍ଯ୍ୟାଳୟରେ ମନ୍ତ୍ରୀ ସମବାୟ ସପ୍ତାହ ପାଳନର ଶୁଭାରମ୍ଭ କରିଥିଲେ। ଫିସ୍‌ଫେଡ୍-ଓଡ଼ିଶା ଓ ଫିସ୍‌କୋଫେଡ୍, ନୂଆଦିଲ୍ଲୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମନ୍ତ୍ରୀ କହିଥିଲେ, ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦା ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ଦିଗରେ ମତ୍ସ୍ୟଚାଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ମତ୍ସ୍ୟଚାଷର ଉନ୍ନତି ତଥା ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ଯୋଜନାଗୁଡ଼ିକର ଲାଭ ଯେପରି ସିଧାସଳଖ ହିତାଧିକାରୀଙ୍କଠାରେ ପହଞ୍ଚିବ ସେନେଇ ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ଡ. ଏନ୍. ତିରୁମାଲ୍ଲା ନାୟକ ଓ ଫିସ୍‌ଫେଡ୍‌ର ସଭାପତି ଟି. ପ୍ରସାଦ ରାଓ ଦୋରାଙ୍କ ସମେତ ଫିସ୍‌ଫେଡ୍‌ର ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ପୋଲିସ-ଅଟୋ ଚାଳକ ମୁହାଁମୁହିଁ, ଉତ୍ତେଜନା

# କ୍ୟାପିଟାଲ ହସ୍ପିଟାଲ ପରିସରରୁ ହଟିପାରିଲାନି ଅଟୋ

**ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)**

- ■ ଜମୁଛି ଅଟୋ ଡ୍ରାଇଭରଙ୍କ ଆଡ୍ଡା, ବଢୁଛି ନାନା ସମସ୍ୟା
- ■ ପୋଲିସ କମିଶନରଙ୍କୁ ଚିଠି ଲେଖିଥିଲେ ହସ୍ପିଟାଲ ନିର୍ଦ୍ଦେଶକ

କ୍ୟାପିଟାଲ ହସ୍ପିଟାଲ ପରିସରରେ ଆଡ୍ଡା ଜମାଉଥିବା ଅଟୋ ଓ ଏହାର ଚାଳକଙ୍କୁ ହଟାଇବା ଉଦ୍ୟମ ବିଫଳ ହୋଇଛି। ନାନା ସମସ୍ୟା ସୃଷ୍ଟି ହେବାରୁ ଶେଷରେ ଅଟୋ ଚାଳଚଳ ଓ ପାର୍କିଂ ଉପରେ ପୂରା ଅଙ୍କୁଶ ଲଗାଯାଇଛି। ହେଲେ ଗୁରୁବାର ଏହାକୁ ନେଇ ପୋଲିସ ଓ ଅଟୋ ଚାଳକ ମୁହାଁମୁହିଁ ହେବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଅଟୋଗୁଡିକ ହଟିବା ପରେ ପୁଣି ହସ୍ପିଟାଲ ପରିସରରେ ପାର୍କିଂ ହୋଇଥିବା ଦେଖିବାକୁ ମିଳିଥଲା।

ମିଳିଥିବା ସୂଚନାନୁସାରେ, କ୍ୟାପିଟାଲ ହସ୍ପିଟାଲ ପରିସରରେ ଅଟୋ ଚଳାଚଳ ଯୋଗୁ ସମସ୍ୟା ବଢୁଛି। ଚାଳକମାନେ ମନଇଚ୍ଛା କାଜୁଆଲିଟି, ପ୍ରସୂତି ବିଭାଗ ଓ ଅନ୍ୟ କେତେକ ସ୍ଥାନରେ ବେଆଇନ ଭାବେ ଅଟୋ ପାର୍କିଂ କରୁଛନ୍ତି। ହସ୍ପିଟାଲ ରାସ୍ତାରେ ବେପରୁଆ ଭାବେ ଗାଡ଼ି ଚଲାଇ ଦୁର୍ଘଟଣା ଘଟୁଛି। ସେହିଭଳି ଘରୋଇ ଆମ୍ବୁଲାନ୍ସ ମଧ୍ୟ ମନଇଚ୍ଛା ଜାଗା ମାଡ଼ି ରହୁଛି। ଏହାଦ୍ୱାରା ଆମ୍ବୁଲାନ୍ସ ଓ ରୋଗୀଙ୍କୁ ନେବାଆଣିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ଏନେଇ ଅଭିଯୋଗ ହେବା ପରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ହସ୍ପିଟାଲ ପରିସରରୁ ଅଟୋ ହଟାଇବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଚିଠି ଲେଖିଥିଲେ। ଏହାସହ ସେ ଡିସିପି ଅନୁପ କୁମାର ସାହୁଙ୍କୁ ଭେଟି ସମସ୍ୟା ନେଇ ଆଲୋଚନା କରିଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଚକ୍ରବର୍ତ୍ତୀ ହସ୍ପିଟାଲକୁ ଯାଇ ପାର୍କିଂ କରିଥିବା ଅଟୋ ଚାଳକଙ୍କୁ ତୁରନ୍ତ ଗାଡ଼ି ବାହାରକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଟୋ ଚାଳକମାନେ ଏକାଠି ହୋଇ ଏହାକୁ ବିରୋଧ କରିବା ସହ ଥାନା ଅଧିକାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଫଳରେ ସେଠାରେ ଏକପ୍ରକାର ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ସମସ୍ତ ଅଟୋ ହସ୍ପିଟାଲ ପରିସରରୁ ହଟିଥିଲା। ଥାନା ଅଧିକାରୀ ସେଠାରେ ଏକ ଘଣ୍ଟା ରହି ଚାଲିଯିବା ପରେ ସେଠାରେ ପୁଣି ପୂର୍ବଭଳି ଅଟୋ ପାର୍କିଂ କରାଯାଇଥିଲା। ଏନେଇ ଫାଣ୍ଡି ପୋଲିସ ଜାଣିବା ପରେ ସେଠାରେ ପୋଲିସ ମୁତୟନ କରି ଜଗାଇଥିଲେ। କିନ୍ତୁ ପୋଲିସକୁ ଖାତିର ନ କରି ଅଟୋ ଚାଳକମାନେ ସେଠାରେ ଗାଡ଼ି ରଖିଥିଲେ। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି, କାଜୁଆଲଟି ଆଗରେ ଅଟୋ ପାର୍କିଂ ହେଉଥିବାରୁ ଆମ୍ବୁଲାନ୍ସ ଯିବାଆସିବା ସହ ଅନ୍ୟ ସମସ୍ୟା ହେଉଛି। ଅଟୋ ଚାଳକଙ୍କୁ ହଟାଇବା ଜରୁରୀ ହୋଇପଡିଛି।

ଐତିହାସିକ କଟକ ବାଲିଯାତ୍ରାର ଗୁରୁବାର ଥିଲା ତୃତୀୟ ଦିନ। ସକାଳେ ପଡିଆରେ ଲୋକମାନେ ଭିଡ ଜମାଇଥିଲେ ମଧ୍ୟ ସନ୍ଧ୍ୟା ହେବା ମାତ୍ରେ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ଦୋଳିରେ ବସିବା ସହ ଚଟ୍‌ପଟି ଖାଦ୍ୟର ମଜା ଉଠାଇଥିଲେ। ଏଥିସହ ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ।


ବାଲିଯାତ୍ରାରେ ଯୁବତୀମାନେ ଅଳଙ୍କାର କିଣୁଛନ୍ତି।



ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଗହଳି ।

## ଯାତ୍ରା ବଢ଼ିଲା ଗୋଟିଏ ଦିନ

ଐତିହାସିକ ବାଲିଯାତ୍ରା ଗତ ୧୨ ତାରିଖରୁ ଆରମ୍ଭ ହୋଇଛି। କିନ୍ତୁ ଆରମ୍ଭ ଦିନରୁ ହିଁ କେତେଦିନ ଚାଲିବ ତାହାକୁ ନେଇ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସସ୍‌ପେନ୍ସ ଲାଗି ରହିଥିଲା। ପ୍ରଥମ ଦିନରେ ବୈଷ୍ଣବ ପାଣି ମଞ୍ଚରେ ବାଲିଯାତ୍ରା ୮ ଦିନ ବଦଳରେ ୧୦ ଦିନ କରିବା ପାଇଁ ଆସିଥିବା ଅତିଥି ମତାମତ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ୧୦ ଦିନ ବଦଳରେ ୯ ଦିନ କରିବା ପାଇଁ ଗୁରୁବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




■ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା

# ବଢ଼ୁଛି ଭିଡ଼, ଜମୁଛି ବେପାର

### ମଧ୍ୟପ୍ରଦେଶର ପୋଷାକ ଚାହିଦା

ବାଲିଯାତ୍ରାରେ ହୋଇଥିବା ଷ୍ଟଲରେ ମଧ୍ୟପ୍ରଦେଶର ଡ୍ରେସ ମ୍ୟାଟେରିଆଲର ଚାହିଦା ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର ଲାହାଙ୍ଗା, ଚୁଡିଦାର ସମେତ ମହିଳାଙ୍କ ବିଭିନ୍ନ ଡ୍ରେସ ଉପକରଣର ଚାହିଦା ରହିଛି। ଏହି ଷ୍ଟଲରେ ୨୦୦ ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ପର୍ଯ୍ୟନ୍ତ ଡ୍ରେସ ବିକ୍ରି କରାଯାଉଥିବା ବ୍ୟବସାୟୀ କହିଛନ୍ତି।

### ଓଟ, ଘୋଡ଼ାରେ ବସିବାର ମଜା ନେଉଛନ୍ତି ପର୍ଯ୍ୟଟକ

ବାଲିଯାତ୍ରାରେ ବାହାରୁ ଆସୁଥିବା ପର୍ଯ୍ୟଟକ ବିଭିନ୍ନ ଦୋଳି ସମେତ ଓଟ ଓ ଘୋଡ଼ାରେ ବସି ବାଲିଯାତ୍ରା ବୁଲିବାର ମଜା ନେଉଛନ୍ତି। ଚଳିତବର୍ଷ ବାଲିଯାତ୍ରାକୁ ପ୍ରାୟ ୧୦ଟି ଘୋଡ଼ା ଓ ୮ଟି ଓଟ ଆସିଥିବା ଜଣାପଡ଼ିଛି। ଏଥର ବାଲିଯାତ୍ରାରେ ଓଟ କିମ୍ବା ଘୋଡ଼ାରେ ବସିଲେ ଜଣପ୍ରତି ୮୦ଟଙ୍କା ନିଆଯାଉଥିବାବେଳେ ପିଲାମାନଙ୍କ ପାଇଁ ୫୦ଟଙ୍କା ରଖାଯାଇଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି।

### ଧୂଳିରେ ହନ୍ତସନ୍ତ, ମୁହଁରେ ମାସ୍କ

ବାଲିଯାତ୍ରା ସମୟରେ ଧୂଳିକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପାଇଁ ଫୁଡ୍ ଇନ୍ସପେକ୍ଟର ଜରିଆରେ ବିଭିନ୍ନ ପ୍ରକାର କଟକଣା କରି ଫାଇନ ଆଦାୟ କରାଯାଉଛି। କିନ୍ତୁ ଧୂଳି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ପର୍ଯ୍ୟଟକଙ୍କ ସମେତ ବାଲିଯାତ୍ରାରେ ନିୟୋଜିତ ଥିବା ପୋଲିସ ଅଧିକାରୀମାନେ ମଧ୍ୟ ଧୂଳିରୁ ବଞ୍ଚିବା ପାଇଁ ମୁହଁରେ ମାସ୍କ ପିନ୍ଧି ବୁଲୁଥିବା ଦେଖିବାକୁ ମିଳିଛି।



### ଆକର୍ଷଣ ସାଜିଛି ଉଡ୍ କ୍ରାଫ୍ଟ

ବାଲିଯାତ୍ରା ପଡ଼ିଆକୁ ଆକର୍ଷିତ କରିଛି ଉଡ୍ କ୍ରାଫ୍ଟ। ବିଭିନ୍ନ ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯିବା ପରେ ବିଭିନ୍ନ ଆକୃତି ଓ ରଙ୍ଗ ଦେଇ ତିଆରି କରାଯାଉଛି ସୁନ୍ଦର ଜିନିଷ। ନୟାଗଡ଼ରୁ ଆସିଥିବା ରଞ୍ଜୁବାଳା ମୁଦୁଲି କହିଛନ୍ତି, ପ୍ଲାଷ୍ଟିକ ବୋତଲ, ଭଙ୍ଗା ଚୁଡ଼ି ଇତ୍ୟାଦି ବ୍ୟବହାର କରାଯାଇ ବିଭିନ୍ନ ରକମର ଜିନିଷ ତିଆରି କରାଯାଉଛି। ଏହାର ବଜାର ଦର ୫୦ରୁ ଆରମ୍ଭ କରି ୩୫୦ ଟଙ୍କା ପର୍ଯ୍ୟନ୍ତ ରହିଛି।

### ନୌବିହାରକୁ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ବାଲିଯାତ୍ରାରେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ କରି ଖୋଲା ଯାଇଥିବା ନୌବିହାର ଓ ନୌବାଣିଜ୍ୟ ଜୋନ୍‌କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ. ଝାବେରୀ ଉଦ୍‌ଘାଟନ କରିଥିଲେ। ଏଥିସହ ନୌବାଣିଜ୍ୟ ଜୋନରେ ଜାହାଜ ଚାଲିବା ଅନୁଭବ, ନୌବାଣିଜ୍ୟ କାରବାରର ଇତିହାସ ଓ ସେ ସଂକ୍ରାନ୍ତରେ ଅନେକ ତଥ୍ୟ ପ୍ରଦର୍ଶନ କରାଯାଇଛି । ନୌବାଣିଜ୍ୟ ସହ କଟକ ସହରର ବହୁ ନିବିଡ ସମ୍ପର୍କ ରହିଥିବା ବେଳେ ବାଲିଯାତ୍ରା ବୁଲି ଆସିଥିବା ଦର୍ଶକ ଜାହାଜ ସମ୍ପର୍କରେ ତଥ୍ୟ ପାଇପାରିବେ।



### ମହାନଦୀରେ ଆଳତି

ଚଳିତବର୍ଷ ବାଲିଯାତ୍ରାରେ ମହାନଦୀ ଭିତରେ ମହାନଦୀ ଆଳତି କରାଯାଇଛି। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ମହାନଦୀ ପାଣି ସ୍ୱଚ୍ଛ ରଖିବା ଦିଗରେ ସଚେତନ କରିବା ପାଇଁ ଏହି ନିଆରା ପ୍ରୟାସ କରାଯାଇଛି। ବାଲିଯାତ୍ରାର ଦ୍ୱିତୀୟ ଦିନଠାରୁ ମହାନଦୀ ଆଳତି ଆରମ୍ଭ କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ବାଲିଯାତ୍ରା ବନ୍ଦନା ଏବଂ ମହାନଦୀ ବନ୍ଦନା କରି ମହାଆଳତି କରାଯାଉଛି। ବାଲିଯାତ୍ରା ବନ୍ଦନାକୁ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଓ ମହାନଦୀ ବନ୍ଦନାକୁ ପ୍ରଫେସର ହରେକୃଷ୍ଣ ତ୍ରିପାଠୀ ରଚନା କରିଛନ୍ତି। ଏଥିରେ ସହଯୋଗ କରିଛନ୍ତି ପ୍ରଫେସର ସଞ୍ଜୟ କୁମାର ଶତପଥୀ।

## ବାଲିଯାତ୍ରାରେ ସିଇଏସ୍‌ର ଇକୋ ମେଳା

ଭୁବନେଶ୍ୱର,୧୪। ୧୧

ରାଜ୍ୟ ଜଙ୍ଗଲ ଏବଂ ପରିବେଶ ବିଭାଗର ସେଣ୍ଟର ଫର ଏନଭାଇରୋନମେଣ୍ଟାଲ ଷ୍ଟଡିଜ(ସିଇଏସ୍) ପକ୍ଷରୁ କଟକ ଜିଲା ପ୍ରଶାସନର ମିଳିତ ସହଯୋଗରେ ଐତିହାସିକ ବାଲିଯାତ୍ରାରେ ଇକୋ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଇକୋକ୍ଲବର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଣ୍ଟର ଫର ଏନଭାଇରୋନମେଣ୍ଟାଲ ଷ୍ଟଡିଜର ନିର୍ଦ୍ଦେଶକ ଡଃ ଆଶୁତୋଷ ଦେବତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜଙ୍ଗଲ ଏବଂ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ମୋନା ଶର୍ମା, ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ମୁନିସିପାଲ କମିଶନର ଅନନ୍ୟା ଦାସ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ମହମ୍ମଦ ଅବଦଲ ଅକ୍ତାର, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଜିଲା ଶିକ୍ଷା ମଣ୍ଡଳ ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ସୁସ୍ଥ ପରିବେଶ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ମେରିଟାଇମ୍ ମ୍ୟୁଜିୟମକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କଲ୍ଲେଶ ସତ୍ୟେନ୍ଦ୍ର ଜାଭେରୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଇଏସ୍ ଅଫିସର ପ୍ରଭାତ ମୋହନ ଦାସ, ସୂଚନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ପ୍ରକଳ୍ପ ଅଧିକାରୀ ଅର୍ଜୁନ କୁମାର ବିଶ୍ୱାଳ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ମୁଗ୍ଧ କଲା ଓଡ଼ିଶୀ ନୃତ୍ୟ

**ଗଣକବି ବୈଷ୍ଣବ ପାଣି ମଞ୍ଚରେ ତୃତୀୟ ସନ୍ଧ୍ୟା**

କଟକ ଅଫିସ, ୧୪।୧୧

ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଆ ଗୀତର ଆସର ଜମିଥିଲା। ନାମୀଦାମୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଅନେକ ସୁପରହିଟ୍ ଓଡ଼ିଆ ଗୀତରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ଜିଲା କଳା ସଂସ୍କୃତି ସଂଘ ଦ୍ୱାରା ପରିବେଷିତ ଲଉଡି ନୃତ୍ୟ ମାଧ୍ୟମରେ ୩ୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ କଟକେଶ୍ୱର ସଙ୍ଗୀତ ମୂର୍ଚ୍ଛନା ଦ୍ୱାରା ଭଜନ ପରିବେଷିତ ହୋଇଥିଲା। ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ। ଦେବୀ ଦୁର୍ଗାଙ୍କ ରୂପକୁ ପ୍ରାଞ୍ଜଳ ଭାବେ ବଖାଣିଥିଲା 'ସର୍ବସ୍ୱ ବୁଦ୍ଧି ରୂପେଣ'। ଏକାଡେମୀର ୭ଜଣ କଳାକାର ଦେବୀଙ୍କ ଆବିର୍ଭାବ ଠାରୁ ଦେବୀକୃପା ପର୍ଯ୍ୟନ୍ତ ଘଟଣାବଳୀକୁ ଏହି ନୃତ୍ୟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ସାଜିଥିଲେ ଓଲିଉଡ୍‌ର କଣ୍ଠଶିଳ୍ପୀ ଈରା ମହାନ୍ତି। ଅଭିନେତ୍ରୀ ଶୀତଲ ପାତ୍ର ଓ ଦିବ୍ୟା ମହାନ୍ତି ମିଷ୍ଟର ମଜନୁ ଚଳଚ୍ଚିତ୍ରର 'କିଏ ହେବ ମୋର ରଙ୍ଗବତୀ' ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ, ରୋହନ ବିଶ୍ୱାଳ ଓ ଅମନ ବିଶ୍ୱାଳ ମଧ୍ୟ ନିଜ ଯାଦୁଗରୀ ସ୍ୱରରେ ଦର୍ଶକଙ୍କୁ ଝୁମାଇଥିଲେ।

ସେହିପରି ମହାନଦୀ ମଞ୍ଚରେ ରେବଦେବୀ ଶୋଭନୀୟ ଶିକ୍ଷାଶ୍ରମ କଳାକାରଙ୍କ ଦ୍ୱାରା ଗ୍ରୁପ ଓଡ଼ିଶୀ ନୃତ୍ୟ, କଟକ ଜିଲା ଆଖଡ଼ା ସଂଘ ପକ୍ଷରୁ ପାଇକ ଆଖଡ଼ା, ବିଶ୍ୱ ଜନନୀ କଳା ପରିଷଦ, ଜ୍ଞାନ ଲକ୍ଷ୍ମୀ କଳା ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ସାଇ ଶ୍ରୁତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦାଣ୍ଡିଆ, ଗୁଜରାତି ଲୋକନୃତ୍ୟ, ଖୋର୍ଦ୍ଧାର ମୂର୍ଚ୍ଛନା ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ ହୋଇଥିଲା। ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଓ ଜିଲା ସଂସ୍କୃତି ବିଭାଗ ସଦସ୍ୟା ସବିତା ତ୍ରିପାଠୀ ଯୋଗଦେଇଥିଲେ। ଉତ୍ତମ ପଟ୍ଟନାୟକ, ଦୀପ୍ତି ଦାଶ, ସୁଲଗ୍ନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ସୂଚନା, ଲୋକସମ୍ପର୍କ ଷ୍ଟଲ ଉଦ୍‌ଘାଟିତ

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା, ଲୋକସମ୍ପର୍କ ଷ୍ଟଲ ବାଲିଯାତ୍ରା ଉପର ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଫଟୋ ପ୍ରଦର୍ଶିତ ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ସୂଚନା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରାଯିବା ସହ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବହି ଏହି ଷ୍ଟଲ୍‌ରେ ବିକ୍ରୟ କରାଯାଉଛି। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।








ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ନଭେମ୍ବର, ୨୦୧୯



> ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
> -ଗଙ୍ଗାଧର ମେହେର



# ଜଳିଗଲା ୧୨ ବଖରା

**ବାଙ୍କୀ,୧୪।୧୧(ସ୍ୱ.ପ୍ର)**

- ୮ପରିବାର କ୍ଷତିଗ୍ରସ୍ତ
- ଜଣାପଡ଼ିନି ଅଗ୍ନିକାଣ୍ଡର କାରଣ
- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବାଙ୍କୀ ବ୍ଲକ ବ୍ରହ୍ମପୁରା ପଞ୍ଚାୟତ ଅନ୍ତର୍ଗତ ବିଲି ତେନ୍ତୁଳିଆ ତୋଟା ସାହିରେ ବୁଧବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ପରିବାରର ୧୨ବଖରା ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାରଗୁଡିକ ହେଲେ ତେନ୍ତୁଳିଆ ତୋଟା ସାହିର ପାର୍ବତୀ ସାମଲ, ମହେନ୍ଦ୍ର ସାମଲ, ଗୋଖଣୀ ସାମଲ, ବାଦଲ ନାୟକ, ରାମଚନ୍ଦ୍ର ନାୟକ, ଡମ୍ବରୁଧର ନାୟକ, ଲକ୍ଷ୍ମୀ ନାୟକ, ମାଧବ ସାମଲ। ନିଆଁରେ ସେମାନଙ୍କ ଘରେ ଥିବା ଆସବାବପତ୍ର ସମେତ ଅମଳ କରାଯାଇଥିବା ବିରି ଓ ମୁଗ ଆଦି ଜଳି ପୋଡି ପାଉଁଶ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି ବୋଲି ବିପନ୍ନ ପରିବାରଗୁଡିକ କହିଛନ୍ତି। ରାତିରେ ସମସ୍ତେ ଶୋଇଥିବା ବେଳେ ପ୍ରଥମେ ଡମ୍ବରୁଧର ନାୟକଙ୍କ ଘରେ ଏହି ନିଆଁ ଲାଗିଥିଲା। ଚାହୁଁ ଚାହୁଁ ଏହି ନିଆଁ


ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

ଅନ୍ୟଆଡେ ବ୍ୟାପି ଯାଇଥିଲା। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ବାଙ୍କୀ ଓ କଳାପଥର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ସଞ୍ଜୟ ସାହୁ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ବିପନ୍ନ ପରିବାରଗୁଡିକୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ବାଙ୍କୀ ଅତିରିକ୍ତ ତହସିଲଦାର କିଶୋର ଚନ୍ଦ୍ର ଦାଶ ଓ ଆରଆଇ ଗୋବିନ୍ଦ ପ୍ରଧାନ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଏଥିସହ ବିପନ୍ନ ପରିବାରଗୁଡ଼ିକୁ ପଲିଥିନ ସହ ଚୁଡା ଓ ଗୁଡ ଆଦି ଯୋଗାଇ ଦେଇଛନ୍ତି। ଏଥିସହ ବିପନ୍ନ ପରିବାରଗୁଡିକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସେଠାକୁ ଯାଇ ଅଗ୍ନି ବିପନ୍ନଙ୍କୁ ସମବେଦନା ଜଣାଇବା ସହ ଶାଢି, ଲୁଙ୍ଗି, ଗାମୁଛା ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସେହିପରି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଆଞ୍ଚଳିକ ବାଣିଜ୍ୟ ସମବାୟ ସଭାପତି ସମରେନ୍ଦ୍ର ମହାପାତ୍ର, ଅନୁୟାରୀ ସରପଞ୍ଚ ସଞ୍ଜୟ ପାତ୍ର ଏବଂ ଗ୍ରାମର ନେତୃସ୍ଥରୀୟ ବ୍ୟକ୍ତିମାନେ ବୁଲି ବିପନ୍ନମାନଙ୍କୁ ସମବେଦନା ଜଣାଇଛନ୍ତି।

## ସଂକ୍ଷେପରେ

### ପାଚିଲା ଧାନ ଫସଲ ନଷ୍ଟ କଲେ ହାତୀ

**ନରାଜ, ୧୪।୧୧(ଡି.ଏନ୍.ଏ.):** ଡମପଡା ରେଞ୍ଜ ।ଆଁରା ମୌଜା ଅନ୍ତର୍ଗତ ବାଟି ସୋଅରା ଅଞ୍ଚଳରେ ଥିବା ଧାନ ଜମିରେ ବୁଧବାର ରାତିରେ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟରୁ ୩ ହାତୀ ଆସି ଧାନ କ୍ଷେତରେ ପଶିଥିଲେ। ସେମାନେ କ୍ଷେତରେ ପାଚିଲା ଧାନ ଖାଇବା ସହ ବ୍ୟାପକ ଫସଲ ନଷ୍ଟ କରିଥିଲେ। ଫଳରେ ବାଆଁରା ଗ୍ରାମର ଚାଷୀ ମକରା ରାଉତ, ସୁକଦେବ ଜେନା, ସୁକାନ୍ତ ରାଉତ, ଗେମନ ରାଉତ ଓ ସତ୍ୟାନନ୍ଦ ରାଉତଙ୍କ ସମେତ ଅନ୍ୟ କିଛି ଚାଷୀଙ୍କ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏଥିସହ ସେମାନେ ଆସିବା ବାଟରେ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠର ପ୍ରାୟ ୧୦ ମିଟର ଲମ୍ବର ପାଚିରି ମଧ ଭାଙ୍ଗି ଦେଇଛନ୍ତି। ସେହିପରି ବାଆଁରାସ୍ଥିତ ଜଗଦଗୁରୁ କୃପାଳୁ ବିଶ୍ୱ ବିଦ୍ୟାଳୟର ପାଚିରୀ ମଧ ମଧ ଭାଙ୍ଗି ରୁଜି ନଷ୍ଟ କରିଦେଇଛନ୍ତି। ଖବରପାଇ ବିଭାଗୀୟ ଅଧିକାରୀମାନେ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି।

### ପ୍ଲାଷ୍ଟିକମୁକ୍ତ ଗାଁ ଗଢ଼ିବାକୁ ଛାତ୍ରୀଛାତ୍ରଙ୍କ ଆହ୍ୱାନ

**ନରସିଂହପୁର ୧୪।୧୧ (ଡିଏନଏ):** ଶିଶୁ ଦିବସ ଅବସରରେ ଜଳକେଳି ସରସ୍ୱତୀ ଶିଶୁ ବିଦ୍ୟାଳୟ ଛାତ୍ରୀଛାତ୍ର ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ ଗାଁ ଗଢିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଜଳକେଳି, ହଟିଆପଲ୍ଲୀ, ଦୁର୍ଗାପ୍ରସାଦ, ପାଇକ ବାରବାଟି ଓ ବାଘଧରିଆ ଗ୍ରାମ ପରିକ୍ରମା କରିଥିଲା। ରାସ୍ତାରେ ଯାଉଥିବା ପଥଚାରୀ ଏବଂ ଗ୍ରାମବାସୀଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଛାତ୍ରୀଛାତ୍ରମାନେ ସଚେତନ କରାଇଥିଲେ। ଏହାପରେ ଗ୍ରାମରେ ଶାଳପତ୍ର ଖଲି ଓ ଠୁଙ୍ଗା ବଣ୍ଟନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତାଜ ସାହୁ, ଚିତ୍ତରଞ୍ଜନ ଭୂୟାଁ, ରାଜା ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ପବ୍ଲିକ ସ୍କୁଲର ନୂତନ ଗୃହ ଉଦ୍‌ଘାଟନ

**ବାଙ୍କୀ,୧୪।୧୧(ସ୍ୱ.ପ୍ର):** ଶିଶୁ ଦିବସ ଅବସରରେ ବାଙ୍କୀ ଉପଖଣ୍ଡ ବିବେକାନନ୍ଦ ପବ୍ଲିକ ସ୍କୁଲ ନୂତନ ଗୃହର ଉଦ୍‌ଘାଟନୀ ଉତ୍ସବ ଗୁରୁବାର ବିବେକାନନ୍ଦ ବିହାରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଆଦିତ୍ୟ ପ୍ରସାଦ ପାଣି ଏଥିରେ ଅଧକ୍ଷତା କରିଥିଲେ। ସ୍କୁଲ ସମ୍ପାଦକ ସନ୍ତୋଷ କୁମାର ରଣା ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥିଭାବରେ ଯୋଗଦେଇ ନବନିର୍ମିତ ଗୃହକୁ ଉଦ୍‌ଘାଟନ କରିବା ସହ ଶିଶୁ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସ୍କୁଲ ପ୍ରତିଷ୍ଠାରେ ସହଯୋଗ କରିଥିବା ଆଇନଜୀବୀ ବ୍ରଜବନ୍ଧୁ ପାଲ, କେଶବ ଚନ୍ଦ୍ର ବେହେରା, ପ୍ରେମାନନ୍ଦ ନାଥ, କିଶୋରଚନ୍ଦ୍ର ଛାଟୋଇ ଓ ପ୍ରଫୁଲ ଚନ୍ଦ୍ର ପଣ୍ଡାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ ଅଧକ୍ଷା ପ୍ରୀତିମଞ୍ଜରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ପାଢୀ, ସମରେନ୍ଦ୍ର ମହାପାତ୍ର, ତ୍ରିଲୋଚନ ରାଉତ ଓ ସନାତନ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନ ସଚେତନତା ଶିବିର

**ଆଠଗଡ, ୧୪।୧୧(ସ୍ୱ.ପ୍ର.):** ଆଠଗଡ଼ ତାଲୁକ୍ ଆଇନସେବା କମିଟି ଆନୁକୂଲ୍ୟରେ ଆଠଗଡ଼ ସହର ରାସରସିକପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଗୁରୁବାର ଶିଶୁ ଦିବସ ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା କମିଟି ଅଧକ୍ଷ ତଥା ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଆଠଗଡ଼ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ବିଚାରପତି ଶାଶ୍ୱତୀ ମିଶ୍ର, ସୌମ୍ୟଶଙ୍କର ମହନ୍ତ, ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ,ଅଦ୍ୱୈତ ଚରଣ ପଣ୍ଡା ଓ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଇନଜୀବୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଶରତଚନ୍ଦ୍ର ସାମନ୍ତ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ଆଇନ ସେବା କମିଟିର ସହାୟିକା ରାଜଶ୍ରୀ ମହଲା ଏହାକୁ ସଂଯୋଜନା କରିଥିଲେ।

## ଶିଶୁ ମହୋତ୍ସବ, ବିଜ୍ଞାନମେଳା

# ଶିଶୁ ହସିଲେ ଦେଶ ହସିବ

**ସାଲେପୁର, ୧୪।୧୧(ଡି.ଏନ୍.ଏ)**

ଶିଶୁ ହସିଲେ ଦେଶ ହସିବ। ଆଜିର ଶିଶୁ ଭବିଷ୍ୟତର ନାଗରିକ। ଶିଶୁ ମହୋତ୍ସବ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଏକତା ମନୋଭାବ ଜାଗ୍ରତ ହୋଇଥାଏ ବୋଲି ଗୁରୁବାର ସାଲେପୁର ହାଇସ୍କୁଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା କହିଛନ୍ତି। ବିଦ୍ୟାଳୟରେ ୨ଦିନ ଧରି ଶିଶୁ ମହୋତ୍ସବ ଓ ବିଜ୍ଞାନମେଳାର ଆୟୋଜନ କରାଯାଇଥିଲା। ଏଥିଲାଗି ଆୟୋଜିତ ସଭାରେ ସାଲେପୁର ଶିକ୍ଷାମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ବେହେରା ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ସାଲେପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ସାଲେପୁର ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ୍ କୁମାର ଦାଶ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଭୂୟାଁ, ଅତିରିକ୍ତ ଶିକ୍ଷାଅଧିକାରୀ ବିଳାସିନୀ ବାହିନୀପତି ପ୍ରମୁଖ ଯୋଗଦେଇ ଶିଶୁ ମହୋତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସାଲେପୁର ଶିକ୍ଷାମଣ୍ଡଳ ଅତିରିକ୍ତ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ ସଂଯୋଜନା କରିଥିଲେ। ପୂର୍ବତନ ସିଆର୍‌ସିସି ଜାକି ଅମିନ୍ ଧନ୍ୟବାଦ ପ୍ରଦାନ କରିଥିଲେ।



ଶିଶୁ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ନାଚଗୀତ ମାଧ୍ୟମରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା

**ରଘୁନାଥପୁର, ୧୪।୧୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଭାସିଲପୁର ଗାଁରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଅଭିନବ ପ୍ରୟାସ କରାଯାଇଛି। ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟଗୀତ କରାଯାଇ ଗ୍ରାମବାସୀଙ୍କ ମନରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା କରାଯାଇଛି। ଆୟୋଜିତ ଉତ୍ସବରେ କୁନି ପିଲାମାନଙ୍କ ଦ୍ୱାରା ପ୍ରଥମେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଦେଖଣାହାରିଙ୍କ ଭିଡ ଲାଗି ରହିଥିଲା। ପିଲାମାନଙ୍କ ନୃତ୍ୟ ପରିବେଷଣକୁ ଉପସ୍ଥିତ ଲୋକେ ପ୍ରଶଂସା ମଧ କରିଥିଲେ। ପରେ ପିଲାମାନେ ନିଜ ଅଞ୍ଚଳରେ ସ୍ୱଚ୍ଛତା ଆଣିବାକୁ ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ। ଏହାଛଡା ପରିବେଶର ସୁରକ୍ଷା, ଚାରାରୋପଣ ଓ ସର୍ବ ପରେ ଦୈନନ୍ଦିନ ଜୀବନରୁ ପ୍ଲାଷ୍ଟିକ ପଲିଥିନ ତଥା କ୍ୟାରି ବ୍ୟାଗ ବ୍ୟବହାରକୁ ନିଷେଧ କରିବାକୁ ବାର୍ତ୍ତା ଦେଇଥିଲେ। ଗ୍ରାମର ଯୁବବର୍ଗଙ୍କ ଦ୍ୱାରା ଆୟୋଜିତ ସଚେତନତାଧର୍ମୀ କାର୍ଯ୍ୟକ୍ରମରେ ଲିଜା ସାହୁ, ମଣ୍ଟୁ ସାହୁ, ସୋନାଲି ସାହୁ, ମିଟୁ ସାହୁ ପ୍ରମୁଖ ନୃତ୍ୟଗୀତ ଶିକ୍ଷାରେ ସହଯୋଗ କରିଥିଲେ। ଗ୍ରାମର ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଧାନର ମାନ ନିର୍ଦ୍ଧାରଣ ପାଇଁ ପ୍ରଶିକ୍ଷଣ ଶିବିର

**ଆଠଗଡ, ୧୪।୧୧(ସ୍ୱ.ପ୍ର.)**

ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଧାନର ମାନ ନିର୍ଦ୍ଧାରଣ ଓ ପି-ପାସ୍ ପାଇଁ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଚଳିତ ମାସ ୨୯ରୁ ବିଭିନ୍ନ ସମବାୟ ସେବା ସମିତି ଜରିଆରେ ଧାନ କିଣିବା ପାଇଁ ମଣ୍ଡି ଖୋଲାଯିବା ସହ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଅନ୍‌ଲାଇନ୍‌ରେ ଚାଷୀମାନେ ପଞ୍ଜୀକୃତ କରିବା ସହ ଟୋକନ୍ ପାଇପାରିବେ ବୋଲି ଶିବିରରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ କଟକ ଜ୍ଞାନରଞ୍ଜନ ମିଶ୍ର, ନିରୋଦ ରଞ୍ଜନ ଦାସ, ବିରାଜ ଦାସ, ସୁବ୍ରତ କୁମାର ଦଳେଇ, ହାଡ଼ିବନ୍ଧୁ ରଣାଙ୍କ ସମେତ ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଶିବିରରେ ୭୨ ସେବା ସମବାୟ ସମିତିର ସମ୍ପାଦକ, କମ୍ପ୍ୟୁଟର ସହାୟକମାନେ ଉପସ୍ଥିତ ଥିଲେ ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହେବା ଆବଶ୍ୟକ


ନରସିଂହପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିଶୁ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

**ବଡମ୍ବା/ବାଙ୍କୀ/ନରସିଂହପୁର, ୧୪।୧୧(ଡି.ଏନ୍.ଏ./ସ୍ୱ.ପ୍ର.)-**

ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ଉପଲକ୍ଷେ ବଡମ୍ବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗୁରୁବାର ଶିଶୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରଣା, ଉପସଭାପତି ଲକ୍ଷ୍ମୀପ୍ରିୟା ଗୋଛି, ସଭ୍ୟ ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ପରିବେଷଣ କରିଥିଲେ। ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ହରିରାଜପୁର-ଶିମିଳିପୁର ଆଞ୍ଚଳିକ ହାଇସ୍କୁଲରେ ଶିଶୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ତାଲୁକ ଆଇନସେବା କିମିଟି ଅଧ୍ୟକ୍ଷ ଦୀପଙ୍କର ପଟ୍ଟନାୟକ ଯୋଗଦେଇଥିଲେ।

ସମ୍ମାନିତ ଅତିଥିଭାବେ ଡ.ମମତା ମହାନ୍ତି, ପ୍ରସନ୍ନ କୁମାର ବିଶ୍ୱାଳ, ବଳଭଦ୍ର ପଣ୍ଡା, ଜିତେନ୍ କୁମାର ପଣ୍ଡା ଓ ବଳଭଦ୍ର ରାଉତ ଯୋଗଦେଇଥିଲେ। ସେହିପରି ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ, ବାଙ୍କୀ କଲେଜ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ଅନେକ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ନରସିଂହପୁର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ଦେବଦତ୍ତ ମଳୟ କୁମାର ବରାଳ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌମ୍ୟଶ୍ରୀ ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ପିଲାଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହେବା ଆବଶ୍ୟକ ବୋଲି କହିଥିଲେ। ଏହାଛଡା ନରସିଂହପୁର ତାଲୁକ ଆଇନସେବା କମିଟି ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ସଚେତନତା କରାଯାଇଥିଲା। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କମିଟି ଅଧ୍ୟକ୍ଷ ବିଚାରପତି ପ୍ରୀତିଶ୍ କୁମାର ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ଜ୍ଞାନରଞ୍ଜନ ନାୟକ, ପ୍ରକାଶ ମହାପାତ୍ର ଓ ଶିକ୍ଷା କେନ୍ଦ୍ରର ସଂଗଠକ ସଙ୍ଗୀତା ତ୍ରିପାଠୀ ଯୋଗଦେଇଥିଲେ।

# ଚାଷୀଙ୍କୁ ସୁବିଧା ଦେବାର ମାଧ୍ୟମ ପାଲଟିଛି ସମିତି

**ନରସିଂହପୁର/ବଡ଼ମ୍ବା, ୧୪।୧୧ (ଡି.ଏନ୍.ଏ.)**

**ସେବା ସମବାୟ ସପ୍ତାହ ପାଳିତ**

ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ସେବା ସମବାୟ ସମିତି ପକ୍ଷରୁ ଗୁରୁବାର ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ଦୟାନିଧି ରାଉତ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମିତି ସଭ୍ୟ ଶକ୍ତିପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭବେ ଯୋଗଦେଇଥିଲେ। ସମବାୟ ସମିତ ଚାଷୀଙ୍କୁ ସୁବିଧା ଦେବାର ମାଧ୍ୟମ ପାଲଟିଛି ବୋଲି ଅତିଥିମାନେ ଏହି ଅବସରରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମିତିରେ ଥିବା ଚାଷୀ ଯୋଗଦେଇଥିଲେ। ସେହିପରି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ବଡମ୍ବା ଶାଖା ତରଫରୁ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଘୁପତି ମହାନ୍ତି ଯୋଗଦେଇ ସମବାୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସରକାରଙ୍କ ତରଫରୁ ସମବାୟ ପୁସ୍ତକ ମାର୍ଗଦର୍ଶିକାକୁ ପାଠ କରାଯାଇଥିଲା। ଏଥିରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ସନ୍ତୋଷ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କ୍ ଶାଖା ପରିଚାଳକ ବ୍ରଜବିହାରୀ ସାହୁଙ୍କ ସମେତ ସମସ୍ତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। ଏହାଛଡା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମାଣିଆବନ୍ଧ ଶାଖା ତରଫରୁ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ବ୍ରଜକିଶୋର ମୁଦୁଲି ସମବାୟ ପତାକା ଉତ୍ତୋଳନ କରିଥିଲେ।

# ଆଦ୍ୟ ଶୈଶବର ଯତ୍ନ, ଶିକ୍ଷା ତାଲିମ ଶିବିର

**ବାଙ୍କୀ,୧୪।୧୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକର ମହିଳା ଶିଶୁ ବିକାଶ ବିଭାଗ ତରଫରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଗୁରୁବାର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ତାଲିମ୍ ଶିବିର 'ଅଙ୍କୁର ଦିବସ' ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପାଥପୁର, ତୁଳସୀପୁରର ୪୩ ଜଣ ଅଙ୍ଗନୱାଡି କର୍ମୀ ତାଲିମ୍ ନେଇଥିଲେ। ୫ଦିନ ବ୍ୟାପି ଚାଲିବାକୁ ଥିବା ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଡମପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆର୍ତ୍ତବନ୍ଧୁ ଲେଙ୍କା ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ଆତ୍ମବିଶ୍ୱାସ ବଢ଼େଇବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମହିଳା ଓ ଶିଶୁ ବିକାଶ ଅଧିକାରୀ ନିର୍ମଳା ପଣ୍ଡା ଯୋଗଦେଇ କହିଥିଲେ, ମା'ର ଗର୍ଭ ସଞ୍ଚାର ଠାରୁ ଜନ୍ମର ୨ବର୍ଷ ପର୍ଯ୍ୟନ୍ତ ଶିଶୁର ବୃଦ୍ଧି ଓ ବିକାଶ କିପରି ସଫଳ ହେବ ତାହା ହିଁ 'ଅଙ୍କୁର ଦିବସର ମୂଳ ଲକ୍ଷ୍ୟ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ପ୍ରୋଜେକ୍ଟ କୋ-ଅର୍ଡିନେଟ୍‌ର ହରପ୍ରିୟା ସାହୁ, ଲେଡିଜ୍ ସୁପରଭାଇଜର ଛିତା ହେମ୍ବ୍ରମ୍, ଜ୍ୟୋତିର୍ମୟୀ ପ୍ରଧାନ ଓ ଫୁଲରାଣୀ ବେହେରା ଏଥିରେ ଯୋଗଦେଇଥିଲେ।

## ନରସିଂହପୁରର ଛାଡ଼ଖାଇ ଉତ୍ସବର ୨ୟ ସନ୍ଧ୍ୟା

# ସମ୍ବଲପୁରୀ ଲୋକନୃତ୍ୟରେ ଝୁମିଲେ ଦର୍ଶକ

**ନରସିଂହପୁର, ୧୪।୧୧ (ଡି.ଏନ୍.ଏ.)**

ନରସିଂହପୁର ଛାଡ଼ଖାଇ ମହୋତ୍ସବର ୨ୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଜନିୟା ସମ୍ବଲପୁରୀ ଲୋକନୃତ୍ୟ ଡାଲଖାଇ କଳାକାରମାନେ ଢୋଲ ଓ ମହୁରି ବଜାଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଦର୍ଶକଙ୍କ ମନ କିଣିବା ସହ ତାଳେତାଳେ ସେମାନେ ମଧ ଝୁମିଥିଲେ। ଏହାପରେ ନୟାଗଡ ଜିଲା ଗଣିଆ ବ୍ଲକର ମା'ଭୈରବୀ ପାଇକ ଆଖଡା ସଂଘର ପାଇକ ଖେଳ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନରସିଂହପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକି ଯୋଗଦେଇଥିଲେ।

ସମ୍ମାନିତ ଅତିଥିଭାବେ ପାଇକପଡାପାଟଣା ପଞ୍ଚାୟତର ସରପଞ୍ଚ ବୀଣାପାଣି ବେହେରା, ନିଜିଗଡ ସମିତିସଭ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ । ଥାନା ଅଧିକାରୀ ତଥା କମିଟିର ସମ୍ପାଦକ ଲିଙ୍ଗରାଜ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ବାରିକି କହିଥିଲେ, ଛାଡ଼ଖାଇ ଉତ୍ସବ ଏବେ ଗଣ ପର୍ବରେ ପରିଣତ ହୋଇଛି। ଯେଉଁ ମହାନ୍ ପୁରୁଷମାନେ ଏହି ଛାଡ଼ଖାଇ ଯାତ୍ରାକୁ ଆରମ୍ଭ କରିଥିଲେ ତାଙ୍କୁ ପ୍ରଥମେ ମନେପକାଇବା ଉଚିତ। ଏବେ ଏହି ମହୋତ୍ସବ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ଏକତ୍ରିତ କରାଇବା, ମାନ ଅଭିମାନ ଭାଙ୍ଗି ଏକାଠି ବସିବାର ମାଧ୍ୟମ ପାଲଟିଛି। ଏହି ଯାତ୍ରା ୭ ଦିନଧରି ଅନୁଗୋଳ ଠାରୁ ନୟାଗଡ, କଟକଠାରୁ ବୌଦ୍ଧ ପର୍ଯ୍ୟନ୍ତ ଲୋକଙ୍କୁ ଟାଣି ଆଣିଛି ବୋଲି ବାରିକି କହିଥିଲେ। ମହୋତ୍ସବରେ ଦୈନିକ ୨୦ ହଜାରରୁ ୩୦ ହଜାର ଦର୍ଶକ ଯୋଗଦେଇ ମେଳା ବୁଲୁଛନ୍ତି। ମଞ୍ଚତଳେ ମେଲୋଡି କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅପେରା ଓ ନାଟକ ପରିବେଷଣ ପାଇଁ ବ୍ୟବସ୍ଥା ହୋଇଛି। ମହୋତ୍ସବକୁ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରୁଛନ୍ତି।

## ଫନୀ ସହାୟତାର ତଦନ୍ତ ବେଳେ ହଟହଟା

# ଅଧିକାରୀଙ୍କୁ ଘେରିଲେ ଉତ୍ତ୍ୟକ୍ତ ଲୋକେ

**ସାଲେପୁର, ୧୪।୧୧(ଡି.ଏନ୍.ଏ.)**

- ପୂର୍ବରୁ ଅନିୟମିତତା ଅଭିଯୋଗ ହୋଇଥିଲା
- ତଦନ୍ତ ପାଇଁ ସାଙ୍ଗରେ ଯିବାକୁ ବାଧ କଲେ ଲୋକେ
- ପୋଲିସର ସହାୟତା ନେବାକୁ ପଡ଼ିଲା

ସାଲେପୁର ବ୍ଲକ ଅଧୀନ କଟରପା ପଞ୍ଚାୟତରେ ଫନୀ ସହାୟତାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ପାଇଁ ଅଧିକାରୀମାନେ ଗୁରୁବାର କଟରପା ପଞ୍ଚାୟତକୁ ଆସିଥିବା ବେଳେ ସେମାନଙ୍କୁ ହଟହଟା ହେବାକୁ ପଡ଼ିଛି। ସୂଚନାଯୋଗ୍ୟ, ଫନୀ ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଙ୍କୀ ଅତିରିକ୍ତ ଉପଜିଲାପାଳ ଦେବବ୍ରତ ଦାଶ, ଡମପଡ଼ା ଅତିରିକ୍ତ ତହସିଲଦାର ଚିନ୍ତାମଣି ସିଂହ ଓ ଆଠଗଡ଼ ଅତିରିକ୍ତ ଉପଜିଲାପାଳ ଶିବାଶିଷ ପଣ୍ଡା ଗୁରୁବାର କଟରପା ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳର ରାଜସ୍ୱ ଅଧିକାରୀଙ୍କୁ ସାଙ୍ଗରେ ଧରି କ୍ଷତିଗ୍ରସ୍ତ ଲୋକଙ୍କ ପାଖକୁ ତଦନ୍ତ କରିବାକୁ ଯାଇଥିଲେ।


ପୋଲିସ କର୍ମଚାରୀଙ୍କ ଗହଣରେ ପ୍ରଶାସନିକ ଅଧିକାରୀ।

ମାତ୍ର ଏହି ସମୟରେ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। କଟରପା ପଞ୍ଚାୟତର କିଛି ମହିଳା ଓ ସାଧାରଣ ଲୋକ ଏହି ବରିଷ୍ଠ ୩ଜଣ ଅଧିକାରୀଙ୍କୁ କାହିଁକି କୋଠାଘର ଲୋକଙ୍କୁ ଫନୀ ବାତ୍ୟାରେ ସହାୟତା ପ୍ରଦାନ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଏହାର ତଦନ୍ତ ପାଇଁ ଅଧିକାରୀମାନଙ୍କୁ ସାଙ୍ଗରେ ନେବାକୁ ବାଧ କରିଥିଲେ। ମାତ୍ର ଅଧିକାରୀମାନେ କାହା ସଙ୍ଗରେ ଯାଇ ତଦନ୍ତ କରିବାକୁ ମନା କରିଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଖରେ ଥିବା ତାଲିକା ଅନୁସାରେ ତଦନ୍ତ କରାଯିବ ବୋଲି ଅଧିକାରୀ କହିଥିଲେ। ଏନେଇ ସେଠାରେ ଉପସ୍ଥିତ ଥିବା ଲୋକ ଓ ତଦନ୍ତକାରୀ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏପରି କି ଗାଡ଼ି ଆଗରେ କିଛି ମହିଳା ବସିରହିବା ସହ ଉତ୍ତ୍ୟକ୍ତ ଲୋକ ହୋହଲ୍ଲା କରିଥିଲେ। ଶେଷକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବାରୁ ତଦନ୍ତକାରୀ ଅଧିକାରୀମାନେ ଜପକୁଦ ଫାଣ୍ଡିକୁ ଫୋନ କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାପରେ ତଦନ୍ତର ଦିଗ କୁଆଡ଼େ ଯିବ ସେ ନେଇ ଚର୍ଚ୍ଚା ଜୋର୍ ଧରିଛି।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



## ସଂକ୍ଷେପରେ

### ବ୍ଲକ ଅଫିସ ଆଗରେ ଗଣଧାରଣା

**ଟାଙ୍ଗୀ(କଟକ),୧୪।୧୧(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କୁ ବ୍ୟବହାର କରୁଥିବା ଜମିର ମାଲିକାନା ମିଳୁନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିଲେ ମଧ ଜମି ପଟ୍ଟା ନ ଥିବାରୁ ଆବାସ ନିର୍ମାଣ ସମ୍ଭବ ହେଉନାହିଁ। ଜାତିଗତ ଏବଂ ବାସସ୍ଥାନ ସଂକ୍ରାନ୍ତ ପ୍ରମାଣପତ୍ର ମିଳିବାରେ ସମସ୍ୟା ଦେଖାଦେଉଛି। ଏହି ସବୁ ଦାବିରେ ଶତାଧିକ ଆଦିବାସୀ ଓ ସିପିଆଇ(ଏମ୍) ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସିପିଆଇ(ଏମ୍) ସଭ୍ୟ ଡମ୍ବରୁଧର ସାହୁ, ରଶ୍ମିରଞ୍ଜନ ତ୍ରିପାଠୀ, ବିଷ୍ଣୁ ବେହେରା, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝି, ଦଳିତ ନେତା ମହେନ୍ଦ୍ର ଜେନା ଯୋଗଦେଇଥିଲେ। ଖବରପାଇ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଓ ଅତିରିକ୍ତ ତହସିଲଦାର ପ୍ରସନ୍ନ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଦୋକାନୀଙ୍କୁ ମାଡ଼

**କଟକ ସଦର,୧୪।୧୧(ଡି.ଏନ୍.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର କାର୍ତ୍ତିକେଶ୍ୱର ଭସାଣି ବେଳେ ବୁଧବାର ରାତିରେ କେତେଜଣ ବ୍ୟକ୍ତି ଏକ ଫାଷ୍ଟଫୁଡ ଦୋକାନୀଙ୍କୁ ମାଡ଼ ମାରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଭସାଣି ସମୟରେ ଜଣେ ବ୍ୟକ୍ତି ଫାଷ୍ଟଫୁଡ କିଣିବାକୁ ନେଇ ଉକ୍ତ ଦୋକାନୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଦୋକାନୀଙ୍କ କଣ୍ଟା ଚାମଚ ଆକ୍ରମଣରେ ବ୍ୟକ୍ତିଜଣଙ୍କ ଆହତ ହୋଇଥିଲେ। ଏହା ପରେ ଉକ୍ତ ବ୍ୟକ୍ତିଙ୍କ ସମର୍ଥକମାନେ ଫାଷ୍ଟଫୁଡ ଦୋକାନ ଭାଙ୍ଗିବା ସହ ଦୋକାନୀଙ୍କୁ ମାଡ଼ ମାରିଥିଲେ। କିଶୋରନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

### ଜେଲ ଗଲେ ଚନ୍ଦନ କାଠ ବ୍ୟବସାୟୀ

୧୫ଖଣ୍ଡ ଚନ୍ଦନ କାଠ, ବନ୍ଧୁକ ଓ ବାଇକ ଜବତ

**ଚୌଦ୍ୱାର,୧୪।୧୧(ଡି.ଏନ୍.ଏ):** ଚନ୍ଦନ କାଠ କାରବାର ଅଭିଯୋଗରେ ଚୌଦ୍ୱାର ପୋଲିସ ଗୁରୁବାର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ହେଲେ ଏହି ଥାନା ଅଧୀନ ବଡ଼କୁସୁନପୁର ଗ୍ରାମର ଡମ୍ବରୁଧର ସ୍ୱାଇଁ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ବଣକରଞ୍ଜି ପଞ୍ଚାୟତର ଶ୍ରୀକ୍ଷେତ୍ର ଆଶ୍ରମ ନିକଟରେ ଚୋରା ଚନ୍ଦନ କାଠ ଗଚ୍ଛିତ ଥିବା ଓ ତାହାକୁ ବେପାର ପାଇଁ ଡମ୍ବରୁ ଯୋଜନା କରୁଥିଲେ। ଖବରପାଇ ଏଏସଆଇ ସୁଧୀର ସେନାପତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଡମ୍ବରୁଙ୍କୁ ଧରିବା ସହ ୧୫ଖଣ୍ଡ ଚନ୍ଦନ କାଠ, ଗୋଟିଏ ବନ୍ଧୁକ ଓ ବାଇକ୍ ଜବତ କରି ଥାନାକୁ ଆଣିଥିଲେ। ପଚରାଉଚରା ପରେ ଚନ୍ଦନକାଠ ବିକ୍ରି ପାଇଁ ରଖିଥିବା ଡମ୍ବରୁ ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୪୫୪/୧୯) ରୁଜୁ ହୋଇଛି।

■ରେଭେନ୍ସା ବିଶ୍ୱବିଦ୍ୟାଳୟ

# ଭାର୍ଗବୀ ହଷ୍ଟେଲ ପରିସର କ୍ୟାବିନରେ ଅଗ୍ନିକାଣ୍ଡ

**କଟକ ଅଫିସ,୧୪।୧୧**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଭାର୍ଗବୀ ଛାତ୍ରୀ ନିବାସ ପରିସରରେ ଥିବା ଏକ କ୍ୟାବିନ୍‌ରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ କ୍ୟାବିନରେ ଥିବା ଲକ୍ଷାଧିକ ଟଙ୍କାର ଗ୍ରୋସରି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏ ନେଇ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିବା ଜଣାପଡ଼ିଛି।

ବୁଧବାର ରାତି ପ୍ରାୟ ୧୨.୩୦ରେ ହଷ୍ଟେଲ ପରିସରରେ ଥିବା କ୍ୟାବିନରୁ ଧୂଆଁ ବାହାରୁଥିବା ଏଠାକାର ଅନ୍ତେବାସୀମାନେ ଦେଖିଥିଲେ। କିଛି ମିନିଟ୍ ମଧ୍ୟରେ କ୍ୟାବିନଟି ଜଳିବାକୁ ଲାଗିଥିଲା। କ୍ୟାବିନକୁ ଲାଗି ଉକ୍ତ ହଷ୍ଟେଲର ରୋଷେଇ ଘର ରହିଛି। ନିଆଁ ରୋଷେଇ ଘରକୁ ବ୍ୟାପିଲେ ବଡ଼ଧରଣର ବିପଦ ଘଟିଥାନ୍ତା।



ଅଗ୍ନିକାଣ୍ଡରେ କ୍ୟାବିନ ଜଳୁଛି।

ଅନ୍ତେବାସୀମାନେ ଭୟରେ ଚିତ୍କାର କରିବାରୁ ବିଶ୍ୱବିଦ୍ୟାଳୟର କେତେଜଣ କର୍ମଚାରୀ ଓ ଅନ୍ୟ ହଷ୍ଟେଲର ଅନ୍ତେବାସୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଅଧିକ ଜୋରରେ ଜଳିବାକୁ ଲାଗିଥିଲା। ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ରାତି ପ୍ରାୟ ୧.୩୦ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି କ୍ୟାବିନଟି ଦୀର୍ଘବର୍ଷ ହେଲା ହଷ୍ଟେଲ ପରିସରରେ ଅଛି। ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ, କୌଣସି ବ୍ୟବସାୟିକ କେନ୍ଦ୍ର ଏଠାରେ ରହି ପାରିବ ନାହିଁ। ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପୂର୍ବରୁ ଏହି କ୍ୟାବିନଟି ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିଆଁ ଲାଗିବାର କିଛି ଘଣ୍ଟା ପୂର୍ବରୁ ଉକ୍ତ ହଷ୍ଟେଲର ଦୁଇ କର୍ମଚାରୀଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏଥିରୁ ଜଣେ କର୍ମଚାରୀ ଏହି ବ୍ୟବସାୟିକ କ୍ୟାବିନର ମାଲିକ ଅଟନ୍ତି। ଏଣୁ ରାଗ ରଖି ଅନ୍ୟ କର୍ମଚାରୀ ଜଣଙ୍କ ଏଭଳି କାଣ୍ଡ ଘଟାଇଛନ୍ତି ବୋଲି ଅଭିଯୋଗ ହୋଇଛି।

■ବେଆଇନ ଭାବେ ହଷ୍ଟେଲ ପରିସରରେ ଚାଲିଥିଲା ବ୍ୟବସାୟ
■ଜଳିଗଲା ଗ୍ରୋସରି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

**ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ**

୨୦୧୮ ଡିସେମ୍ବର ୭ରେ ଅଗ୍ନିକାଣ୍ଡ ଘଟି ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ପ୍ରାକ୍ଟିକାଲ ପ୍ରକୋଷ୍ଠରେ ଅଧାରୁ ଅଧିକ ଭାଗ ଜଳି ଯାଇଥିଲା। ଏହି ସମୟରେ ମଧ ବିଶ୍ୱବିଦ୍ୟାଳୟର ଅଗ୍ନି ନିରାପକ ବ୍ୟବସ୍ଥା ଫେଲ୍ ମାରିଥିଲା। ଏବେ ଛାତ୍ରୀ ନିବାସ ପରିସରରେ ଅଗ୍ନିକାଣ୍ଡ ଘଟିଥିବାବେଳେ କୌଣସି ଅଗ୍ନି ନିରାପକ ବ୍ୟବସ୍ଥା କାର୍ଯ୍ୟ କରିନି। ଏହି ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବାକୁ ଦାବି ହୋଇଛି।

■ପଥ ଉତ୍ସବର ଦ୍ୱିତୀୟ ଦିନ

# ମୁଗ୍ଧ କଲା ନୌସେନାର 'ରକ୍ ବ୍ୟାଣ୍ଡ ଶୋ'

**କଟକ ଅଫିସ, ୧୪।୧୧**

ବାଲିଯାତ୍ରା ତଳପଡିଆରେ ଅନୁଷ୍ଠିତ ପଥ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିନ। ଏଥିରେ ମୁଖ୍ୟ ଆକର୍ଷଣ ଥିଲା ଭାରତୀୟ ନୌସେନା କର୍ମଚାରୀଙ୍କ ଦ୍ୱାରା ପରିବେଷିତ 'ରକ୍ ବ୍ୟାଣ୍ଡ' ଶୋ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏଥିସହ ସମ୍ବଲପୁରୀ ଗୀତରେ ନୃତ୍ୟ ଓ ବସୁନ୍ଧରା ଅନୁଷ୍ଠାନ ପକ୍ଷରୁ ଯୋଗ, ନୃତ୍ୟ ପରିବେଷିତ ହୋଇଥିଲା। ଆଦୃତ ଚିଲିଡ୍ରେନ ଗ୍ରୁପ ଓ ଜିଲା ଶିଶୁ ସୁରକ୍ଷା ୟୁନିଟି ପକ୍ଷରୁ ଦେଶାତ୍ମକ ନୃତ୍ୟ ସଙ୍ଗୀତ ହୋଇଥିଲା। ଓଡିଏମ୍ ପବ୍ଲିକ ସ୍କୁଲ, ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲ, ତୁଳସୀପୁର ହାଇସ୍କୁଲ, ପୋଲିସ ହାଇସ୍କୁଲର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କଟକ ବରିଷ୍ଠ ନାଗରିକ ସଂଘର କଳାକାର ଗୁରୁ ଅକ୍ଷୟ ନାୟକ, ଗୁରୁ ଗୌତମ ଚନ୍ଦ୍ର ପାଲ ବିଭିନ୍ନ ବାଦ୍ୟଯନ୍ତ୍ରରେ ଚମତ୍କାର ଶୈଳୀରେ ଗୀତର ଧୂନ ପରିବେଷଣ କରିଛନ୍ତି। ଶିଶୁଦିବସ ଅବସରରେ କଟକ ଜିଲାର ବହୁ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନମେଳା ପ୍ରଦର୍ଶିତ ହୋଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଡ. ମୋନା ଶର୍ମା ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ।

**ପରିବେଶ ସୁରକ୍ଷା ଉପରେ ସ୍ୱତନ୍ତ୍ର କର୍ମଶାଳା**

ପଥ ଉତ୍ସବ ଅବସରରେ ଗୁରୁବାର ପରବେଶ ସୁରକ୍ଷା ଉପରେ ଏକ ସ୍ୱତନ୍ତ୍ର କର୍ମଶାଳା ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଥିଲା। ଏହାକୁ ମୁଖ୍ୟଅତିଥି ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଡ. ମୋନା ଶର୍ମା ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ପ୍ରଫେସର ଆଶୁତୋଷ ଦେବତା, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଯୋଗଦେଇଥିଲେ। ପ୍ରଫେସର ସଞ୍ଜୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଜିଲାର ବିଭିନ୍ନ ବିଦ୍ୟାଳୟର ଏନ୍‌ସିସି, ଏନଏସ୍‌ଏସ୍‌ର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**କଣ୍ଟାପଡା,୧୪।୧୧(ଡି.ଏନ୍.ଏ)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ହରପାର୍ବତୀ ପୂଜାକମିଟି ପକ୍ଷରୁ ୨ଦିନିଆ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଗଲପୁର ସରପଞ୍ଚ ଦ୍ୱାରିକାନାଥ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦଧୀଚି ଶିକ୍ଷାସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ଅନୁଷ୍ଠାନର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅଶୋକ ମହାପାତ୍ର, ବିଜୁ ପାତ୍ର ଯୋଗଦେଇଥିଲେ। ୧୬ଜଣ ପ୍ରତିଭା ସମ୍ପନ୍ନ କୁନି ନୃତ୍ୟଶିଳ୍ପୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ସହ ୫୫ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଅଶୋକ ପାତ୍ର, ହରେକୃଷ୍ଣ ଦାସ, ପ୍ରାଣକୃଷ୍ଣ ବେହେରା, ଶିବପ୍ରସାଦ ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ମନମୋହନ ମହାନ୍ତି, ସଂଗ୍ରାମ ମହାନ୍ତି, ଛବି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ଶିଶୁ ଦିବସ

**ଫୁଲନଖରା/ ଚୌଦ୍ୱାର/କଟକ ସଦର,୧୪।୧୧(ଡି.ଏନ୍.ଏ)**

ଫୁଲନଖରା ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ପୁରୁଣା କାଚରାମାଳସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ନୃତ୍ୟ ପରିବେଷଣ ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ରଶ୍ମିତା ରାଉତରାୟ ଯୋଗଦେଇ ଜବାହରଲାଲ ନେହେରୁଙ୍କ ଆଦର୍ଶରେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କଟକସ୍ଥିତ ମିଶନ୍ ଜିରୋ ଏଫ କାଉନ୍‌ସେଲିଂ ସେଣ୍ଟର, ଅନ୍ନପୂର୍ଣ୍ଣା ଟ୍ରଷ୍ଟ ଓ ମୋ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁ ସଦନରେ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ସେହିପରି ବିବେକାନନ୍ଦ ଶିଶୁବିଦ୍ୟା ମନ୍ଦିର, ଉତ୍କଳ ଇଣ୍ଟରନେଶନାଲ ସ୍କୁଲ, କ୍ରିଏଟିଭ୍ ପବ୍ଲିକ୍ ସ୍କୁଲ,ଗାନ୍ଧୀଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଳିଙ୍ଗ ବିଦ୍ୟାପୀଠ, କଳିଙ୍ଗ ପବ୍ଲିକ୍ ସ୍କୁଲ ଓ ଦୌଲାତାବାଦ୍ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୧୩୦ତମ ଜୟନ୍ତୀ ଗୁରୁବାର ସରିଚୁଆଁ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଂଗ୍ରେସ ନେତା ମାନସ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗଣେଶ ଚନ୍ଦ୍ର ପରିଡା, ରାମଚନ୍ଦ୍ର ଗୋଛାୟତ, ଦୁର୍ଗାଶଙ୍କର ଦାଶ, ରଞ୍ଜନ ସେନାପତି, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୪।୧୧**

ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ପରିଚାଳିତ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ୨୨ତମ ବାର୍ଷିକ ଉତ୍ସବ ଗୁରୁବାର ସ୍ଥାନୀୟ ତୁଳସୀପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ବିଜୟ କୁମାର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପାରାମିଲିଟାରୀ ପରିବାର କଲ୍ୟାଣ କେନ୍ଦ୍ରରେ ଯେପରି ଭାବେ କାର୍ଯ୍ୟପନ୍ଥାଗୁଡିକ ହାତକୁ ନିଆଯାଉଛି ତାହା ତୁଳନାରେ ଆମେ ବହୁତ ପଛରେ ରହିଯାଉଛନ୍ତି। ଆମେ କିଛି ଛୋଟ ଭାବିଲେ ତାହାର ପରିଣାମ ମଧ ଛୋଟ ହେବ। ତେଣୁ ଆମକୁ କିଛି ବଡ ଭାବିବାକୁ ପଡିବ, ଯାହାଦ୍ୱାରା ଆମେ ତାଙ୍କ ସମକକ୍ଷ ହୋଇପାରିବା। ମୁଖ୍ୟବକ୍ତା ଭିଜିଲାନ୍ସ ନିର୍ଦ୍ଦେଶକ ଡା. ଦେବାଶିଷ ପାଣିଗ୍ରାହୀ କହିଥିଲେ, ପରିବାର କଲ୍ୟାଣ କେନ୍ଦ୍ରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ କୌଶଳ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦେବା ଏବଂ ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷା, ସ୍ୱଚ୍ଛତା ଆଦି ପ୍ରସଙ୍ଗ ଉପରେ ଶିକ୍ଷା ଦିଆଯିବା ଆବଶ୍ୟକ। ଅତିରିକ୍ତ ଡିଜି (ହେଡକ୍ୱାର୍ଟର) ବିନୟତୋଷ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପରିବାର କଲ୍ୟାଣ କେନ୍ଦ୍ରର ଛାତ୍ରୀଛାତ୍ର ଓ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କ୍ଲବ ସଭାପତି ବିନ୍ଦୁ ଶର୍ମା ଅଧ୍ୟକ୍ଷତା, ସମ୍ପାଦକ ସବିତା ପରିଡା ବିବରଣୀ ପାଠ ଓ ସୋନାଲି ମହାନ୍ତି ଧନ୍ୟବାଦ ଦେଇଥିଲେ। କ୍ଲବର ସମସ୍ତ ସଭ୍ୟା, ବରିଷ୍ଠ ପୋଲିସ ଅଧିକାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ।





ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଗୁରୁବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିୟାନ ପଡ଼ିଆ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଏସ୍‌ସିବି ମେଡିକାଲ କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦାବିରେ ଧାରଣା

**କଟକ ଅଫିସ, ୧୪।୧୧**

■ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି
■କଳାବ୍ୟାଜ ପିନ୍ଧି କାର୍ଯ୍ୟକଲେ ସ୍ନାତକୋତ୍ତର ଛାତ୍ରୀଛାତ୍ର

ଏସ୍‌ସିବି ମେଡିକାଲ କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ଓ ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ସ୍ନାତକ ଛାତ୍ରୀଛାତ୍ର ବୁଧବାରଠାରୁ ପ୍ରିନ୍ସିପାଲଙ୍କ ଅଫିସ ଆଗରେ ଆନ୍ଦୋଳନ କରିବା ସହ ଧାରଣାରେ ବସିଛନ୍ତି। ଏହାକୁ ସ୍ନାତକୋତ୍ତର ଛାତ୍ରୀଛାତ୍ର ସମର୍ଥନ ଜଣାଇବାରୁ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଛି। କେବଳ ସେତିକି ନୁହେଁ ସ୍ନାତକୋତ୍ତର ଛାତ୍ରୀଛାତ୍ର ଗୁରୁବାର କଳାବ୍ୟାଜ ପିନ୍ଧି ମେଡିକାଲରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସ୍ନାତକୋତ୍ତର ଛାତ୍ର ସଂସଦ ସଭାପତି ଡା. ଆଶିଷ କୁମାର ମିଶ୍ର ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏ ନେଇ ଏକ ପତ୍ର ଲେଖିବା ସହ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଛନ୍ତି। ଏହି ସମୟ ମଧ୍ୟରେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଛାତ୍ର ସଂସଦ ବଡ଼ ନିଷ୍ପତ୍ତି ନେବା ସମ୍ଭାବନା ରହିଛି ବୋଲି ସଭାପତି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଯୁଜି ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବ ବୋଲି ଯୁଜି ଛାତ୍ର ସଂସଦ ସଭାପତି ଦୀପକ ସାମଲ କହିଛନ୍ତି। ପ୍ରକାଶଥାଉ କି, ରାଜ୍ୟରେ ୭ଟି ସରକାରୀ ମେଡିକାଲ କଲେଜ ଅଛି। ଆଗକୁ ଏହି ସଂଖ୍ୟା ୧୩ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ନିତାନ୍ତ ଆବଶ୍ୟକତା ରହିଛି। ଏହିବିଶ୍ୱବିଦ୍ୟାଳୟ ନ ଥିବା କାରଣରୁ ଡାକ୍ତରୀ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରୀକ୍ଷା ସୁପରିଚାଳନାଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଢାଞ୍ଚା ଓ ପରୀକ୍ଷା ଫଳ ପ୍ରକାଶନ ସହିତ ପ୍ରମାଣପତ୍ର ପାଇବାରେ ମଧ ବିଳମ୍ବ ଦେଖାଦେଉଛି। ନିୟମ ଅନୁଯାୟୀ ପରୀକ୍ଷାର ୪୫ ଦିନ ମଧ୍ୟରେ ଫଳ ପ୍ରକାଶ ସହିତ ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ମିଳିବା କଥା। ମାତ୍ର ଏଥିପାଇଁ ୪ ମାସରୁ ଅଧିକ ସମୟ ଲାଗୁଛି। ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗକୁ ନେଇ ବୁଧବାର ଅପରାହ୍ନରେ ସାଧାରଣ ପରିଷଦ ବୈଠକ ଡକାଯାଇଥିଲା। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଛାତ୍ରୀଛାତ୍ର ଆନ୍ଦୋଳନ କରିଛନ୍ତି।

# ଦାଦାବଟି ମାଗିବା ଅଭିଯୋଗରେ ୬ ଗିରଫ

**କଟକ ଅଫିସ, ୧୪।୧୧**

ଜଗତପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେବା ଓ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଏକ ଗ୍ୟାଙ୍ଗର ୬ ଜଣଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅନ୍ତର୍ଗତ ଖରଡାସାହିର ଅଶୋକ କୁମାର ବେହେରା, ଶ୍ରୀଧର ବେହେରା, ଲକ୍ଷ୍ମଣପୁରର ମନୋଜ କୁମାର ସ୍ୱାଇଁ, ତେଲିସାହିର କଳ୍ପତରୁ ସାହୁ, ରାଜାବଗିଚା ବଡେଇସାହିର ଦିବ୍ୟଜିତ୍ ବାରିକ ଓ ଅମିତାଭ ସ୍ୱାଇଁ। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୪ଟି ମାଗାଜିନ୍, ୪ଟି ଗୁଳି, ଗୋଟିଏ ଭୁଜାଲି, ୨୪ହଜାର ଟଙ୍କା, ତିନୋଟି କାର, ତିନୋଟି ବାଇକ, ଗୋଟେ ସ୍କୁଟି, ୪ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୭୨/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଜଗତପୁର ଥାନା ଅଧୀନ ଷ୍ଟେଶନ ବଜାରର ଶତ୍ରୁଘ୍ନ ସାହୁ ଓ ତାଙ୍କର ଜଣେ ବନ୍ଧୁ ଆଇବି ରୋଡ ନିକଟରେ ଥିବା ଆଦିତ୍ୟ ସେଲିବ୍ରେଶନ ମଣ୍ଡପକୁ ଯାଇଥିଲେ। ସେଠାରେ ସେମାନେ ଉକ୍ତ ମଣ୍ଡପର ମାଲିକଙ୍କ ସହ କିଣା ଯାଇଥିବା ଏକ ଜମିର ଦଖଲ ନେବା ସଂକ୍ରାନ୍ତରେ କଥା ହେଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଶତ୍ରୁଘ୍ନଙ୍କୁ ଦାଦାବଟି ମାଗିଥିଲେ। ସେମାନଙ୍କ ମଧ୍ୟରୁ ଅଶୋକ ଶତ୍ରୁଘ୍ନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ପକେଟ୍‌ରୁ ୨ଲକ୍ଷ ଟଙ୍କା ଛଡାଇ ନେଇଥିଲେ। ଏହି ସମୟରେ ଅନ୍ୟ ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ସ୍ଥାନୀୟ ଲୋକମାନଙ୍କୁ ଭୟଭୀତ କରିଥିଲେ ବୋଲି ଶତ୍ରୁଘ୍ନ ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ନେଇ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।



ଗିରଫ ଅଭିଯୁକ୍ତ।



ଜବତ ମାରଣାସ୍ତ୍ର ଓ ଅନ୍ୟ ସାମଗ୍ରୀ

# ଶିଶୁ ଦେଶର ଆଗାମୀ ଭବିଷ୍ୟତ

**କଟକ ଅଫିସ, ୧୪।୧୧**

*ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁଟିକୁ ସ୍ନେହ, ଶ୍ରଦ୍ଧା, ଆଦରରେ ଲାଳନପାଳନ କଲେ ଶିଶୁଟି ଆଗାମୀ ଭବିଷ୍ୟତରେ ରାଷ୍ଟ୍ରର ବିକାଶରେ ସହାୟ ହୋଇପାରିବ ବୋଲି ସଭାନେତ୍ରୀ ମନୋରମା ମହାପାତ୍ର କହିଛନ୍ତି। ଏହି ଅବସରରେ ନାରୀ ସେବା ସଂଘ ପକ୍ଷରୁ ବସ୍ତି ଅଞ୍ଚଳର ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ କଲ୍ୟାଣୀ ସାହୁ, ମୀରା ବେଉରା, ଇନ୍ଦିରା ଆରୋରା ସଞ୍ଚାଳନ କରିଥିଲେ।*

**ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ:** ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଧରପୁରସ୍ଥିତ ମହିମା ଅଲେଖ ଆଶ୍ରମଠାରେ ଶିଶୁଦିବସ ଅନୁଷ୍ଠିତ ହୋଇଛି। ଇଂ. ବସନ୍ତ କୁମାର ପରିଡ଼ା, ଇଂ. ବିକ୍ରମ କେଶରୀ ମିଶ୍ର ଏବଂ ଜାଇକା ଟିମ୍ ଲିଡର ଆଲେ ଜାଣ୍ଡୋ ଆଜକୋନା ଏହାକୁ ଉଦ୍‌ଘାଟନ କରିଥିଲେ। ସାଇ ଅନୁଷ୍ଠାନର ଟିମ୍ ଲିଡର ଅଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ଅଧିକାର ଓ ପରିମଳ ସମ୍ପର୍କରେ ଆଡଭୋକେଟ ବିକାଶ ମହାପାତ୍ର, ଶ୍ୟାମଲ କିଶୋର ଦାସ, ଇଂ. ଅନୁପ ମିଶ୍ର, ଇଂ. ଏନ୍.ଏ.କେ. ଚୌଧୁରୀ ପ୍ରମୁଖ ଆଲୋକପାତ କରିଥିଲେ।

**କଂଗ୍ରେସ କାର୍ଯ୍ୟାଳୟ:** କଲେଜଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ଯୋଗଦେଇ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବ୍ରଜ ବିଶ୍ୱାଳ, ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ସୁକାନ୍ତ ରାଉତ, ରାଜୀବ ମହାନ୍ତି, ମଞ୍ଜୁଲତା ଗରୁଡ଼, ସୌମ୍ୟରଞ୍ଜନ ସ୍ୱାଇଁ, ଆଶୁତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନେହେରୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

**ମହାମାୟା ଶିଶୁ ମନ୍ଦିର:** ଖାନ୍‌ନଗରସ୍ଥ ମହାମାୟା ଶିଶୁ ମନ୍ଦିରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଗଣେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟବକ୍ତା, ଅନ୍ୟତମ ଅତିଥି ଭାବେ ପ୍ରିୟଙ୍କା ରାହୁଲ ଫୋରମ ସଭାପତି ସନ୍ତୋଷ ମହାନ୍ତି, ଶରତ ମାହାଲିକ, ସାମାଜିକ କର୍ମୀ ଶଙ୍କର୍ଷଣ ବାରିକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ସୁନାଦୂବ:** ସାମାଜିକ ଅନୁଷ୍ଠାନ ସୁନାଦୂବ ପକ୍ଷରୁ ତୁଳସୀପୁରସ୍ଥିତ ବାପୁଜୀ ଶିକ୍ଷା ନିକେତନଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଏବଂ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଆରତୀ ମଲ୍ଲିକ ଉଦ୍‌ଘାଟକ ଓ ବାପୁଜୀ ଶିକ୍ଷା ନିକେତନର ଅଧ୍ୟକ୍ଷ ଅଶୋକ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

**ଏଲ.ଆର ଡିଏଭି ସ୍କୁଲ:** ଶିଶୁ ଦିବସ ଅବସରରେ ଗଣ୍ଡରପୁରସ୍ଥିତ ଲଜପତ ରାୟ(ଏଲ.ଆର.) ଡିଏଭି ସ୍କୁଲରେ ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ ଯୋଗଦେଇ ଜବାହରଲାଲ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ସିଡିଏ ଡିଏଭି ସ୍କୁଲ:** ସିଡିଏ ଡିଏଭି ସ୍କୁଲ ପରିସରରେ ଶିଶୁ ଦିବସ ପାଳିତ ହୋଇଛି। ଏଥିରେ ଜବାହରଲାଲ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ ସହ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସଂଯୋଜିକା ସୀମା ଦାସ ଆଜିର ଶିଶୁ ଭବିଷ୍ୟତର ନାଗରିକ ବୋଲି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଜାତୀୟ ପୁସ୍ତକ ସପ୍ତାହ ଆରମ୍ଭ ହୋଇଛି।

**ମା' ସରସ୍ୱତୀ ଶିକ୍ଷା ମନ୍ଦିର:** ମାଛୁଆବଜାରସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଥିଲା। ଏଥିରେ ସମ୍ପାଦକ ମନୋଜ ଦାସ ଅଧ୍ୟକ୍ଷତା କରି ଶିଶୁ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫ /୨୦୧୯



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ
କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।
-ଗଙ୍ଗାଧର ମେହେର



**ସଂକ୍ଷେପରେ**

ରାଜପଥରେ ବଢୁଛି ଦୁର୍ଘଟଣା

## ପ୍ରତିବାଦରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ

ବୋଲଗଡ,୧୪।୧୧(ଡି.ଏନ.ଏ.)-୫୭ନଂ ଜାତୀୟ ରାଜପଥର ବୋଲଗଡ ବନ୍ଧ ନିକଟରେ ରାସ୍ତା ମରଣଯନ୍ତା ପାଲଟିଥିବାରୁ ବିଭିନ୍ନ ସମୟରେ ସଡକ ଦୁର୍ଘଟଣା ଘଟୁଛି। ଗୁରୁବାର ରାତି ପ୍ରାୟ ୯ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଗୁରୁତର ଜଣଙ୍କର ପରିଚୟ ମିଳିପାରି ନାହିଁ । ଅନ୍ୟପକ୍ଷରେ ବୋଲଗଡ଼ ବନ୍ଧ ଛକ ନିକଟରେ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି । ଫଳରେ ଦୁର୍ଘଟଣା ରୋକିବା ପାଇଁ ରାଜପଥକୁ ତୁରନ୍ତ ମରାମତି ଦାବିରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

## ଶିକ୍ଷାବିତ୍‌ଙ୍କ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୧୪।୧୧: ଶିକ୍ଷକ ମହାସଂଘର ଖ୍ୟାତନାମା ସଂଗ୍ରାମୀ ଶିକ୍ଷାବିତ୍, ସାମାଜିକ କର୍ମୀ ସ୍ୱର୍ଗୀୟ ଗୟାଧର ରାଉତଙ୍କ ଜୟନ୍ତୀ ଉତ୍ସବ ଖୋର୍ଦ୍ଧା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଆବାହକ ବୈକୁଣ୍ଠନାଥ ରାଜଗୁରୁ ଗୟାଧରଙ୍କ ବହୁମୁଖୀ ଗୁଣାବଳୀ ବର୍ଣ୍ଣନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗ ଦେଇଥିଲେ।

■ମେଳା ମହୋତ୍ସବ ପାଇଁ ଅସ୍ଥାୟୀ ମଦ ଲାଇସେନ୍ସ

# ରାଜସ୍ୱ ବୃଦ୍ଧି ଚିନ୍ତା ସୃଷ୍ଟି କରିବ ଅରାଜକତା

**ଖୋର୍ଦ୍ଧା ଅଫିସ,୧୪।୧୧:**

ମଦରୁ ଅଧିକ ରାଜସ୍ୱ ମିଳୁଛି। ସରକାର ରାଜସ୍ୱ ବଢାଇବା ଉଦ୍ଦେଶ୍ୟରେ ଅଧିକ ମଦ ଦୋକନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ରାଜସ୍ୱ ବଢାଇବାର ଚିନ୍ତା ଅରାଜକତାକୁ ପ୍ରୋତ୍ସାହନ ଦେବ। ସରକାର ଏଥିପ୍ରତି ଅବଗତ ଥିଲେ ବି ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି। ମେଳା ମହୋତ୍ସବରେ ଅସ୍ଥାୟୀ ମଦ ଲାଇସେନ୍ସ ଦେବାକୁ ସରକାରଙ୍କ ନିଷ୍ପତ୍ତିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅସ୍ଥାୟୀ ମଦ ଦୋକାନ ଖୋଲିବା ପରେ ବିଶୃଙ୍ଖଳା ବଢିବ। ବିଶୃଙ୍ଖଳା ଉପରେ ଲଗାମ ଲାଗିଲେ ମଦ ବିକ୍ରି ଉପରେ ପ୍ରଭାବ ପଡିବ।

### ବିଶୃଙ୍ଖଳାକୁ ଆମନ୍ତ୍ରଣ



ମେଳା ମହୋତ୍ସବରେ ମଦ ବିକ୍ରି ପରେ ବିଶୃଙ୍ଖଳାକୁ ଆମନ୍ତ୍ରଣ କରାଯିବ। ଶାନ୍ତ ପରିବେଶରେ ଅଶାନ୍ତକର ପରିବେଶ ସୃଷ୍ଟି ହେବ। ପ୍ରତିବାଦ କଲେ ମଦ୍ୟପମାନଙ୍କର ଆଚରଣ କ'ଣ ହେବ ସମୟ କହିବ। ମେଳା ମହୋତ୍ସବରେ ଯଦି କିଛି ଅପ୍ରୀତିକର ପରିବେଶ ସୃଷ୍ଟି ହୁଏ, ଖବରପାଇ ପୋଲିସ ଆସିବାବେଳକୁ ପରିସ୍ଥିତିର କେଉଁ ରୂପ ଧାରଣ କରିବ ତାହା ଅବର୍ଣ୍ଣନୀୟ। ସରକାରଙ୍କ ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ। ତୁରନ୍ତ ସରକାର ଏହାର ବିଚାର କରିବା ଦରକାର।

**–ସରୋଜ କୁମାର ରାୟ,**
**ଅବସରପ୍ରାପ୍ତ ପୌରକର୍ମଚାରୀ ସଂଘର ସମ୍ପାଦକ, ଜଟଣୀ**

### ମେଳା ମହୋତ୍ସବକୁ ଲୋକେ ଯିବାକୁ ଡରିବେ



ସରକାର ରାଜସ୍ୱ ବଢାଇବେ ବୋଲି ପାଣି ପରି ମଦ ମିଳିବାର ବ୍ୟବସ୍ଥା କରିବା ଠିକ୍ ନୁହେଁ। ମେଳା ମହୋତ୍ସବ ପରି ସାମାଜିକ ଉତ୍ସବରେ ମଦ ବିକ୍ରି ପାଇଁ ଅସ୍ଥାୟୀ ମଦ ଲାଇସେନ୍ସ ବ୍ୟବସ୍ଥା ସାମାଜିକ ଚଳଣିରେ ଖରାପ ପ୍ରଭାବ ପକାଇବ। ଲୋକେ ମେଳା ମହୋତ୍ସବକୁ ଯିବାକୁ ଡରିବେ। ଅରାଜକତା ବଢ଼ିବ। ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ, ଯାହାକି ରାଜସ୍ୱ ବୃଦ୍ଧିର ଚିନ୍ତା ରାଜ୍ୟକୁ ସର୍ବନାଶ ଆଡକୁ ଟାଣି ନେବ।

**–ସୁଶାନ୍ତ କୁମାର ନନ୍ଦ, ଶିକ୍ଷାବିତ୍, ନିରାକାରପୁର, ଟାଙ୍ଗୀ**

### ରହିବନି ଲୋକଲଜ୍ଜା ଓ ସାମାଜିକ ଶୃଙ୍ଖଳା



ମେଳା ମହୋତ୍ସବରେ ମଦ ବିକ୍ରି ପାଇଁ ଦୋକାନ ଖୋଲିବା ସାମାଜିକ ଚାଲିଚଳଣିକୁ ପ୍ରଭାବିତ କରିବ। ଲୋକଲଜ୍ଜା ଓ ସାମଜିକ ଶୃଙ୍ଖଳା ବ୍ୟାହତ ହେବ। ନିଶା କାରବାର ଯେଉଁ ପରିମାଣରେ ବଢୁଛି ତାହାଠାରୁ ଅଧିକ ପରିମାଣରେ ଚୋରି, ଡକାୟତି, ରାହାଜାନି ବଢ଼ି ଚାଲିଛି। ସରକାର ରାଜସ୍ୱ ବଢ଼ାଇ ଅଶାନ୍ତକର ପରିବେଶ ସୃଷ୍ଟି କରୁଛନ୍ତି। ଅନେକ ଘର ଭାଙ୍ଗି ଯାଉଛି। ନିଶା ଖାଇବା ଦ୍ୱାରା ଅକାଳରେ ପ୍ରାଣ ହରାଇବାକୁ ପଡୁଛି। ଏହାର ସଂଖ୍ୟା ବଢ଼ି ଚାଲିବ।

**–ଲକ୍ଷ୍ମୀଧର ପ୍ରଧାନ, ବାଣପୁର**

### ଆନ୍ଦୋଳନରେ ଜବାବ



ବିହାରରେ ମଦ ବନ୍ଦ ପରେ ବିକାଶ ପାଇଁ ରାଜସ୍ୱ ଅଭାବ ହୋଇନାହିଁ। ଓଡ଼ିଶା ସରକାର ବିହାରଠାରୁ ମଦ ବିକ୍ରି ବନ୍ଦ କରିବାର ଶିକ୍ଷା ନିଅନ୍ତୁ। ମଦ ବିକ୍ରି ବନ୍ଦ ହେଲେ ଅବକାରୀ ରାଜସ୍ୱର ୧୦ ଗୁଣା ଅର୍ଥ ସରକାରଙ୍କର ସଞ୍ଚିତ ହେବ ; ଯାହା ନିଶାମୁକ୍ତି କେନ୍ଦ୍ର, ସ୍ୱାସ୍ଥ୍ୟରକ୍ଷା, ସାମାଜିକ ବିଶୃଙ୍ଖଳା ଦୃଷ୍ଟିରୁ ଥାନା ଓ ରାସ୍ତା ଦୁର୍ଘଟଣା ଜନିତ ବୀମାରାଶିର ଖର୍ଚ୍ଚ କମାଇବାରେ ସକ୍ଷମ ହେବେ। ନିଶା ସେବନ ଯୋଗୁ ବାର୍ଷିକ ପ୍ରାୟ ୫ ହଜାର ଲୋକ ମୃତ୍ୟୁମୁଖରୁ ବର୍ତ୍ତିଯିବେ। ସେମାନଙ୍କ ପରିବାରର ଆର୍ଥିକ କ୍ଷତି ତୁଳନାରେ ଅବକାରୀ ରାଜସ୍ୱ କିଛି ନୁହଁ। ତେବେ ମଦବିକ୍ରିରେ ସରକାରଙ୍କ ରାଜସ୍ୱ ବଢାଇବା ଚିନ୍ତା ଆନ୍ଦୋଳନ ମାଧ୍ୟମରେ ଜବାବ ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଉଛି ।

**–ରାମ ଶଙ୍କର,**
**ନିଶା ନିବାରଣ କର୍ମୀ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଖୋର୍ଦ୍ଧା**

ରେଳ କର୍ମଚାରୀଙ୍କ ବଦାନ୍ୟତା

# ମହିଳା ଯାତ୍ରୀ ଫେରିପାଇଲେ ହଜିଥିବା ଭ୍ୟାନିଟି ବ୍ୟାଗ

**ଜଟଣୀ,୧୪।୧୧(ଡି.ଏନ୍.ଏ.):**

ରେଳ କର୍ମଚାରୀଙ୍କ ବଦାନ୍ୟତା ଓ ସଚ୍ଚୋଟ ପଣିଆ ଯୋଗୁ ଜଣେ ମହିଳା ଟ୍ରେନ୍ ଯାତ୍ରୀ ତାଙ୍କର ପଡି ଯାଇଥିବା ଭ୍ୟାନିଟି ବ୍ୟାଗ୍ ଫେରି ପାଇଛନ୍ତି। ରେଳପଥରେ ସିଟିଆଇ ଭାବେ କାର୍ଯ୍ୟରତ ତଥା ରେଲୱେ ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଲକ୍ଷ୍ମୀଧର ମହାନ୍ତିଙ୍କ ଯୋଗୁ ଜୁନାଗଡ଼ ଅଞ୍ଚଳର ରୂପା ବରାଳ ଚଳନ୍ତା ଟ୍ରେନ୍‌ରୁ ତାଙ୍କର ପଡି ଯାଇଥିବା ବ୍ୟାଗ୍ ପାଇବାରେ ସଫଳ ହୋଇଛନ୍ତି। ଜୁନାଗଡରୁ ଭୁବନେଶ୍ୱର ଯାଉଥିବା ୧୮୪୩୮ ନଂ. ଟ୍ରେନ୍‌ର ସାଧାରଣ ବଗିରେ ରୂପା ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଗୁରୁବାର ସକାଳ ୬ଟାରେ ଖୋର୍ଦ୍ଧାରୋଡ ଷ୍ଟେଶନରୁ ଛାଡିବାର କିଛି ସମୟ ପରେ ଚଳନ୍ତା ଟ୍ରେନ୍‌ରୁ ମହିଳାଙ୍କ ହାତରୁ ଭ୍ୟାନିଟି ବ୍ୟାଗଟି ପ୍ଲାଟଫର୍ମ ଉପରେ ଖସି ପଡିଥିଲା। ସେହି ସମୟରେ ଡ୍ୟୁଟି ସାରି ଫେରୁଥିବା ଲକ୍ଷ୍ମୀଧରଙ୍କ ନଜରକୁ ଏହା ଆସିଥିଲା। ଭ୍ୟାନିଟିକୁ ଉଠାଇ ଦେଖିଲା ବେଳକୁ ଟ୍ରେନ୍‌ଟି ପ୍ଲାଟଫର୍ମ ଅତିକ୍ରମ କରିସାରିଥାଏ। ଫଳରେ ବ୍ୟାଗ୍ ମଧ୍ୟରେ ଥିବା ଆଧାରକାର୍ଡ୍‌ରୁ ରୂପା ନାମ ଲେଖାଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ପରବର୍ତ୍ତୀ ଏକ ଟ୍ରେନ୍‌ରେ ଡ୍ୟୁଟିରେ ଥିବା ଟିଟିଇଙ୍କ ମାଧ୍ୟମରେ ଲକ୍ଷ୍ମୀଧର ସେହି ଭ୍ୟାନିଟିକୁ ଭୁବନେଶ୍ୱର ଷ୍ଟେଶନକୁ ପଠାଇଥିଲେ। ସେ ଭୁବନେଶ୍ୱର ଟିକେଟ୍ କଲେକ୍ଟର ଅଫିସକୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଶ୍ରାବଣୀ ବାନାର୍ଜୀ ମହିଳା ଟିକେଟ୍ କଲେକ୍ଟରଙ୍କୁ କହି ଡାକବାଜି ଯନ୍ତ୍ରରେ ଘୋଷଣା କରିବାକୁ କହିଥିଲେ। ଜୁନାଗଡ ଭୁବନେଶ୍ୱର ଟ୍ରେନ୍‌ଟି ଷ୍ଟେଶନରେ ପହଞ୍ଚିବା ମାତ୍ରେ ଡାକବାଜି ଯନ୍ତ୍ରରେ ହେଉଥିବା ଘୋଷଣା ଶୁଣି ରୂପା ଟିକେଟ୍ କଲେକ୍ଟର ଅଫିସରେ ପହଞ୍ଚି ଥିଲେ। ସେଠାରୁ ତାଙ୍କର ହଜି ଯାଇଥିବା ଭ୍ୟାନିଟି ବ୍ୟାଗକୁ ଟିକେଟ୍ କଲେକ୍ଟର ଶ୍ରାବଣୀଙ୍କଠାରୁ ଗ୍ରହଣ କରିଥିଲେ। ଏଥିସହ ରେଲୱେ କର୍ମଚାରୀଙ୍କ ମହାନତାକୁ ପ୍ରଶଂସା କରିଥିଲେ। ଭ୍ୟାନିଟିରେ ୨ ହଜାର ଟଙ୍କା ସମେତ ମହିଳାଙ୍କ ସୁନା ଅଳଙ୍କାର ଓ ବିଭିନ୍ନ ପରିଚୟପତ୍ର ଓ ଅନ୍ୟ କାଗଜପତ୍ର ରହିଥିଲା।



ରେଳ କର୍ମଚାରୀ ହଜିଯାଇଥିବା ଏକ ଭ୍ୟାନିଟ୍ ବ୍ୟାଗ ରୂପାଙ୍କୁ ଫେରାଉଛନ୍ତି ।

■ବାଙ୍କୋଇରେ ରାଜ୍ୟସ୍ତରୀୟ ଖଣ୍ଡାୟତ କ୍ଷତ୍ରିୟ କଳ୍କୀସେନା ସମ୍ମିଳନୀ

# ପାଇକମାନଙ୍କ ଅବଦାନ ଅବିସ୍ମରଣୀୟ



ସମ୍ମିଳନୀର ସାଧାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

**ବୋଲଗଡ,୧୪।୧୧(ଡି.ଏନ.ଏ.)**

ପାଇକମାନଙ୍କର ଏକତା ଓ ଐତିହ୍ୟର ନିଦ୍ଦର୍ଶନକୁ ନେଇ ରାଜ୍ୟସ୍ତରୀୟ ଖଣ୍ଡାୟତ କ୍ଷତ୍ରିୟ କଳ୍କୀସେନା ସମ୍ମିଳନୀ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ବାଙ୍କୋଇ ପଞ୍ଚୁଦୋଳ ପଡିଆ ଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୭ଟି ପାଇକଦଳ ପକ୍ଷରୁ ସାମରିକ କଳା କୌଶଳ ପ୍ରଦର୍ଶିତ ହୋଇ ଏକ ଶୋଭାଯାତ୍ରାରେ ସ୍ଥାନୀୟ ମା'ରାମଚଣ୍ଡୀଙ୍କ ମନ୍ଦିର ଠାରୁ ସମ୍ମିଳନୀ ସ୍ଥଳକୁ ଜ୍ୟୋତି ଆସିଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ଯୋଗଦେଇ ମୁକ୍ତି ଆନ୍ଦୋଳନରେ ଓଡିଆ ପାଇକମାନଙ୍କର ଅବଦାନ ଇତିହାସ ପୃଷ୍ଠାରେ ଅବିସ୍ମରଣୀୟ ହୋଇ ରହିଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ରୂପେ ପୂର୍ବତନ ଏମପି ଐରଖାରବେଳ ସ୍ୱାଇଁ ଖଣ୍ଡାୟତ କ୍ଷତ୍ରିୟ ଓ ପାଇକ ମାନଙ୍କର ଏକତା, ସାହସିକତା ଏବଂ ବିରତ୍ୱ ଗୌରବର ବାର୍ତ୍ତା ବହନ କରି ଆସୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରିଷଭ ନନ୍ଦ,ପ୍ରକାଶ ବିଜୁଳି,ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ,ସମିତିସଭ୍ୟା ପ୍ରଭାତି ରାଉତରାୟ ,ଜୟକୃଷ୍ଣ ଫତେସିଂହ,ବଶ୍ୱଜିତ ସ୍ୱାଇଁ,ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ,ରଘୁନାଥ ଷଡଙ୍ଗୀ,କାଳିଚରଣ ଜୟସିଂହ ,ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ରାଜ୍ୟ ସମ୍ପାଦକ ବିଷ୍ଣୁଚରଣ ସାମନ୍ତରାୟ ସଂଗଠନ ବିଷୟରେ ସୂଚନା ଦେବା ସହିତ ସଂଗଠନର ଦାବି ଗୁଡିକୁ ଉପସ୍ଥାପନ କରିଥିଲେ । ସେହିପରି ରାଜ୍ୟ ସଭାପତି ଯୋଗୀନାଥ ବଳିୟାରସିଂହ,ପ୍ରମୁଖ କର୍ମକର୍ତ୍ତା ଭିମସେନ ବିଶ୍ୱାଳ,ସନାତନ ବରାଡ,ନବକିଶୋର ବିଧାର ଓ ଗୋଦାବରୀ ପାଇକରାୟଙ୍କ ସମେତ ଜିଲା ଏବଂ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ବାଙ୍କୋଇଶାଖା ସଭାପତି ରାଜକିଶୋର ବଳିୟାରସିଂହ ସ୍ୱାଗତ ଅଭିଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସାଧାରଣ ସଭାପରେ ମୁକ୍ତାକାଶ ମଞ୍ଚରେ ପାଇକ ଯୁଦ୍ଧ କୌଶଳ ପ୍ରଦର୍ଶନ ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ଟି ପାଇକ ଦଳ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଇକଦଳ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ମାନପତ୍ର ପ୍ରଦାନ କରାଯାଇଛି ।

## ନାବାଳିକା ଅପହରଣକାରୀ ଗିରଫ

**ଖୋର୍ଦ୍ଧା ଅଫିସ,୧୪।୧୧:**

ନାବାଳିକା ଅପହରଣ କରିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବିଜୟ ମହାରଣା (୨୭)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିଜୟଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ନାବାଳିକା ଅପହରଣ ନେଇ ବିଜୟଙ୍କ ନାଁରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ ନଂ. ୩୫୫/୧୯ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଫୋନ୍ କଲ ଟ୍ରାକିଂ କରି କଟକ ସିଡ଼ିଏ ଅଞ୍ଚଳରେ ଏକ ଭଡ଼ା ଘରେ ପୋଲିସ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିଜୟଙ୍କୁ କାବୁ କରି ନେଇଥିଲା। ଗୁରୁବାର ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କ ବୟାନ ରେକର୍ଡ କରାଯାଇ କୋର୍ଟ ନିର୍ଦ୍ଦେଶ ମୁତବାକ ମାଆବାପାଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ରହ୍ମଗିରିରୁ ଫିଶିଂ କ୍ୟାଟ୍ ଉଦ୍ଧାର

**ବ୍ରହ୍ମଗିରି, ୧୪।୧୧(ଡି.ଏନ୍.ଏ.)–**

ବ୍ରହ୍ମଗିରି ରେଞ୍ଜ୍ ଅଧୀନ ଯାଆଁଳା ଗ୍ରାମରୁ ଗୁରୁବାର ଏକ ଫିଶିଂ କ୍ୟାଟ୍‌କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଗୁରୁବାର ସକାଳୁ ଏକ ଜାଲ ମଧ୍ୟରେ ଏହି ଫିଶିଂ କ୍ୟାଟ୍‌ଟି ପଡ଼ିଯାଇଥିଲା। ଫିଶିଂ କ୍ୟାଟ୍‌ଟି ସିଡ୍ୟୁଲ୍-୧ ଶ୍ରେଣୀର ହୋଇଥିବାରୁ ସ୍ଥାନୀୟ ଲୋକେ ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ।

## ବିଜୁ ଯୁବବାହିନୀର ସଡ଼କ ସଚେତନତା କାର୍ଯ୍ୟକ୍ରମ

**ଜଟଣୀ,୧୪।୧୧(ଡି.ଏନ.ଏ.):**

ଜଟଣୀ ହରିଭାଇନା ଛକରେ ବିଜୁ ଯୁବବାହିନୀର ସାମାଜିକ ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଗୁରୁବାର ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଡକ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ୍ ଓ କାର ସିଟ୍ ବେଲ୍ଟର ଫିତା ବାନ୍ଧିବା, ଟ୍ରାଫିକ୍ ସଙ୍କେତ ମାନିବା, ଏଣେ ତେଣେ ପାର୍କିଂ ନ କରିବା ଆଦି ଉପରେ ଯୁବବାହିନୀର ସଦସ୍ୟ ଓ ଯୋଗଦେଇଥିବା ଅତିଥିମାନେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଯୁବବାହିନୀର ଅଧକ୍ଷ ବିଜୟ କୁମାର ନାୟକ, ବିଡିଓ ବାସୁଦେବ ମାହାରୀ, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଖୋର୍ଦ୍ଧା ଜିଲା ଯୁବ ବିଜେଡିର ସଭାପତି ବିଷ୍ଣୁପ୍ରସାଦ ଡେଙ୍ଗ, ପୂର୍ବତନ ବ୍ଲକ ଅଧକ୍ଷ ଦୀପକ ଜେନା, ପୂର୍ବତନ କାଉନ୍‌ସିଲର ବିଜୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।



ହେଲମେଣ୍ଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ବିଜୁ ଯୁବବାହିନୀ, ପୋଲିସ ପକ୍ଷରୁ ସଚେତନ କରାଯାଉଛି ।

## ୩ ଶିଶୁ ଯତ୍ନ ଅନୁଷ୍ଠାନକୁ ସହାୟତା

**ଖୋର୍ଦ୍ଧା ଅଫିସ,୧୪।୧୧:**

ପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟରୁ ପାତ୍ରପଡାସ୍ଥିତ ଆମ ଘର, ଡୁମ୍‌ଡୁମାସ୍ଥିତ ପ୍ରତିଭା ଆଶ୍ରମ ଓ ଡାଇପର ଦିବ୍ୟଜ୍ୟୋତି ସେବାଶ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ଦିଆଯାଇଛି। ରିଲିଫ୍ ଫଣ୍ଡ ଅର୍ଥରେ ସ୍କୁଲ ବ୍ୟାଗ, ଗଳ୍ପ ବହି, ଖେଳଣା, ଭଲିବଲ୍, ୱାଶିଂ ମେଶନି ପ୍ରଭୃତି ଉପକରଣ ରହିଛି। ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ ଏହାକୁ ଶିଶୁ ଦିବସରେ ଉଦ୍‌ଘାଟନ କରି ବଣ୍ଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ତନିମା ମିଶ୍ର ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସୌମେନ୍ଦ୍ର ନାୟକ ଓ ଅନୁପ ବେହେରା ପରିଚାଳନା କରିଥିଲେ।

# ଅଟ୍ରିରେ ୧୫ ଘରୁ ଚୋରି, ୨ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୪।୧୧:**

ଖୋର୍ଦ୍ଧା ପୋଲିସ ଜିଲା ବାଘମାରୀ ଥାନା ଅଟ୍ରିରୁ ବୁଧବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ବୁଧବାର ବିଳମ୍ବିତ ରାତିରେ ୧୫ ଘରୁ ଚୋରି ହୋଇଥିବାବେଳେ ଥାନାରେ ସୁନିତା ଛୋଟରାୟ ଓ ଅର୍ଜୁନ ମାଝି ଅଭିଯୋଗ କରିଛନ୍ତି। ସୁନିତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୯/୧୯ ଓ ଅର୍ଜୁନଙ୍କ ଅଭିଯୋଗକ୍ରମେ ନଂ. ୬୦/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସୁନିତାଙ୍କର ୨୦ ହଜାର ଟଙ୍କା, ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର, ଅର୍ଜୁନଙ୍କର ୧୨ ହଜାର ଟଙ୍କା ଚୋରି ହୋଇଛି। ତାଲା ଝୁଲୁଥିବା ଘରୁ ତାଲା ଭାଙ୍ଗି ଚୋରି ହୋଇଛି। ସେହିପରି ଶୋଇଥିବା ଘରୁ ଚୋରି ହୋଇନି। ଯେଉଁ ଘରେ କେହି ନ ଥିବେ ସେହି ଘରୁ ଚୋରି ହୋଇଛି।

### ସନ୍ଦେହରେ ୪ କମ୍ବଳ ବିକ୍ରେତା

ଅଟ୍ରି ଚୋରି ଘଟଣାରେ ୪ କମ୍ବଳ ବିକ୍ରେତା ଫେରିବାଲା ସନ୍ଦେହ ଘେରକୁ ଆସିଛନ୍ତି। ବୁଧବାର ଦିନବେଳା ଗାଁରେ କମ୍ବଳ ବିକିଲେ। ଘରର ବାରି ଓ ଦାଣ୍ଡ ପଟର ସ୍ଥିତି ଆକଳନ କଲେ। ରାତିରେ ଆସି କଳାକନା ବୁଲାଇ ଦେଲେ। ହେଲେ ଫେରିବାଲା କୁଆଡେ ଗଲେ ଜାଣି ହେଉନି। ବୁଧବାର ରାତି ପ୍ରାୟ ସାଢେ ୧ଟାରେ ସିସିଟିଭି ଫୁଟେଜରେ ୪ ଚୋରଙ୍କ କାରନାମା କଏଦ ହୋଇ ରହିଛି। ଦେଖାଯାଉ ପୋଲିସ କିପରି ଚୋରି ଘଟଣାର ରହସ୍ୟ ଉନ୍ମୋଚନ କରୁଛି।

■ବେଗୁନିଆ ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ୨୮ ବିଦ୍ୟାଳୟକୁ ଗରିମା ପୁରସ୍କାର, ଶିଶୁ କଳିକା ଲୋକାର୍ପିତ

**ବେଗୁନିଆ,୧୪।୧୧(ଡି.ଏନ.ଏ.):**

ବେଗୁନିଆ ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ବହୁ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶିଶୁ ଦିବସ ଗୁରୁବାର ପାଳିତ ହୋଇଥିଲା। ବ୍ଲକସ୍ତରୀୟ ଶିଶୁ ଉତ୍ସବ ସ୍ଥାନୀୟ ଦଧିବାମନ ଜୀଉଙ୍କ ଆମ୍ରକାନନ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ରବୀନ୍ଦ୍ର ନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଯୋଗ ଦେଇଥିଲେ। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ଏବିଓ ତ୍ରୟବିଷ୍ଣୁ ପ୍ରସାଦ ମିଶ୍ର, ଦିଲୀପ କୁମାର ମହାପାତ୍ର, ଯୁଗଳ ବେହେରା, ବାସନ୍ତୀ ଜୟସିଂ, ଗୋପୀନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଶିଶୁ କଳାକାରମାନେ ଉତ୍ସବରେ ନାଚ, ଗୀତ ଆଦି ପରିବେଷଣ କରିଥିଲେ। ୧୫ଟି କ୍ଲଷ୍ଟରର ପ୍ରତି ୨ ଜଣ ଲେଖାଏ ମେଧା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ୨୮ ବିଦ୍ୟାଳୟକୁ ଗଣଶିକ୍ଷା ବିଭାଗର ଗରିମା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିଶୁ ଉତ୍ସବର ମୁଖପତ୍ର ଶିଶୁ କଳିକା ଲୋକାର୍ପିତ ହୋଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ସାହୁ, ଝୁନୁବାଳା ପୃଷ୍ଟି, ଶିକ୍ଷକ ସରୋଜ ବେହେରା, ଗୋଲେଖ ସାହୁ, ବିଭୂତି ବରାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଅତିଥିମାନେ ଶିଶୁ କଳିକା ପୁସ୍ତକକୁ ଲୋକାର୍ପିତ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ

**ଜଟଣୀ,୧୪।୧୧(ଡି.ଏନ.ଏ.):**

ଜଟଣୀର ବିଭିନ୍ନ ସ୍ଥାନରେ ଗୁରୁବାର ଶିଶୁଦିବସ ପାଳିତ ହୋଇଯାଇଛି। ଛୋଟ ପିଲାମାନେ ପଢୁଥିବା ଶିକ୍ଷାନୁଷ୍ଠାନଗୁଡିକରେ ଏହା ପାଳନ କରାଯାଇଥିଲା। ସ୍ଥାନୀୟ ରେଲୱେ ସ୍କୁଲରେ ପିଲାଙ୍କ ମଧ୍ୟରେ କୌତୁକିଆ ପୋଷାକ ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲର ଅଧକ୍ଷା ସୁକାନ୍ତି ମହାନ୍ତି, ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅରଗୁଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ସଙ୍ଗୀତ ପରିବେଷଣ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଜେନା, ସହ ପ୍ରଧାନ ଆଚାର୍ଯ୍ୟା କଲ୍ୟାଣୀ ଚମ୍ପତି ଓ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ସେହିପରି ଯାଁଳା ପଞ୍ଚାୟତ ଉତ୍ତରମୁଣ୍ଡମୁହାଣ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଦିବସ ପାଳନ କରାଯାଇଥିଲା। ପିଲାମାନଙ୍କୁ ସ୍କୁଲ ବ୍ୟାଗ୍, ସ୍ଲେଟ୍, ପୁସ୍ତକ ଆଦି ପାଠ୍ୟ ଉପକରଣ ବଣ୍ଟା ଯାଇଥିଲା। ଏଥିରେ ଭୁବନେଶ୍ୱର କଳିଙ୍ଗବିହାରର ଶତାକ୍ଷୀ ମହିଳା ସଙ୍ଗଠନର ସମ୍ପାଦିକା ମମତା ବିଶ୍ୱାଳ, ଯାଞ୍ଚ କମିଟିର ସଭାପତି ଭାଗ୍ୟଧର ପ୍ରଧାନ ଓ ୱାର୍ଡ ମେମ୍ବର ଉର୍ମିଳା ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ କଳ୍ପନା ଦାଶ ଓ ସହାୟିକା ପାଲେଇ ପରିଡ଼ାଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।



ଜଟଣୀ ରେଲୱେ ସ୍କୁଲରେ ଶିଶୁଦିବସ ଅବସରରେ ଯୋଗ ଦେଇଥିବା ପିଲା ଓ ଅନ୍ୟମାନେ ।



ନୃତ୍ୟ ମାଧ୍ୟମରେ ବାଳିକାମାନେ ଲୋକଙ୍କୁ ସଚେତନ କରୁଛନ୍ତି।

ସେହିପରି ଜଟଣୀ ରାଜାବଜାର ଅଞ୍ଚଳରେ ଥିବା ମଦ୍ରାସା ଅବୁଲ୍ କାଲାମ ଆଜାଦରେ ଶିଶୁ ଦିବସ ପାଳିତ ହୋଇଥିଲା। ନୁର ଜାଫର ଓ ମଦ୍ରାସାର ପ୍ରଧାନ ଶିକ୍ଷକ ଶେଖ ଫିରୋଜଙ୍କ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା। ସେହିପରି କହ୍ନେୟା, ଟିନିଟଟ୍ସ ମଣ୍ଟେସର, ଆଶା ପ୍ଲେ ସ୍କୁଲରେ ଏହା ପାଳିତ ହୋଇଥିଲା।

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶିଶୁ ଦିବସରେ ସ୍ୱଚ୍ଛ ଭାରତ, ଟ୍ରାଫିକ ନିୟମ, ପରିବେଶ ସଚେତନତା ସହ ନେତାମାନଙ୍କର ନକଲକୁ ପରିବେଷଣ କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ ହୋଇଥିଲା। ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବିଇଓ ବୈଦ୍ୟନାଥ ସାହୁ, ଏବିଇଓ ସତ୍ୟବାନ ଶ୍ରୀଚନ୍ଦନ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ଶିକ୍ଷକ ଅଗାଧୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଚାଚା ନେହେରୁଙ୍କ ଉପରେ ଆଲୋକପାତ କରିଥିଲେ। ସେହିଭଳି ବୁଢ଼ି ବଗିଚା ପରିସରରେ ସଦ୍‌ଭାବନା ପବ୍ଲିକ ସ୍କୁଲରେ ଅନୁରୂପ ଭାବେ ଶିଶୁ ଦିବସ ପାଳନ ହୋଇଛି।



ନିଜର କାମକୁ ଠିକ୍ ଭାବେ ପରିଚାଳନା କରୁଥିବା ଲୋକ କେବଳ ଧନ ନୁହେଁ, ଯଶ ମଧ ଲାଭ କରେ।

-ଗଙ୍ଗାଧର ମେହେର



## ଆଜି କ'ଣ କେଉଁଠି

ବ୍ରହ୍ମଗିରି

- ଶ୍ରୀଜଗନ୍ନାଥ ବିଶ୍ୱ କଲ୍ୟାଣ ସମିତିର ୨୯ତମ ବାର୍ଷିକ ଉତ୍ସବ ଓ ଆଧ୍ୟାତ୍ମିକ ମହାଧିବେଶନ ତଥା ପ୍ରବଚନ କାର୍ଯ୍ୟକ୍ରମ, ଗଡ଼କୋକଲ, ଭଗବତୀ ମଣ୍ଡପ, ସନ୍ଧ୍ୟା ୭ଟା।

## ଦୁଇ ବାଇକ୍ ଧକ୍କା, ଜଣେ ମୃତ

ନିମାପଡ଼ା,୧୪।୧୧(ଡି.ଏନ୍.ଏ): ନିମାପଡ଼ା ଜୟଗୁରୁ ଆଶ୍ରମ ନିକଟ ଏକ ଢାବା ନିକଟରେ ଗୁରୁବାର ଦୁଇ ବାଇକ୍ ଧକ୍କା ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅଣ୍ଡିଆସାହି ଗ୍ରାମର ଲକ୍ଷ୍ମଣ ପରମାଣିକ(ଟୁଟୁ)। ଗୁରୁତର ନିଆଳି ଥାନା ଓଡପଲ୍ଲୀ ଗ୍ରାମର ବାଦଲ ରାଉତଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଲକ୍ଷ୍ମଣ ଜୟଶ୍ରୀ ଛକରୁ ଗୁରୁବାର ରାତିରେ ଦୋଲବେଦୀ ଛକ ପଟକୁ ଆସୁଥିବା ବେଳେ ବିପରୀତ ପଟୁ ଆସୁଥିବା ବାଦଲଙ୍କ ସହ ଢାବା ସମ୍ମୁଖରେ ଧକ୍କା ହୋଇଥିଲା।

## ଯୁବକଙ୍କୁ ହତ୍ୟା ମାମଲା: ୩ ଅଟକ

ପୁରୀ ଅଫିସ,୧୪।୧୧:ପୁରୀ ସଦର ଥାନା ଅଧୀନ କୋରୁଆଁ ଛକ ନିକଟ ଏକ ଘରୁ ବୁଧବାର ରାତିରେ ଟୁଲୁ ଓରଫ ବେଲ ବିଶ୍ୱାଳଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ଆଇପିସି ୩୦୨, କେସ୍ ନଂ. ୨୭୨/୧୯ ରୁଜୁ ହୋଇଛି। ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଟୁଲୁଙ୍କୁ ୫ରୁ ୬ଜଣ ଯୁବକ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତାଙ୍କର ଅନ୍ୟ କୌଣସି ଗୋଷ୍ଠୀ ସହିତ ଶତ୍ରୁତା ଥିଲା କି ନାହିଁ ସେନେଇ ତଦନ୍ତ ଚାଲିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ହୋଟେଲରୁ ୩ ଶିଶୁ ଶ୍ରମିକ ଉଦ୍ଧାର

ପୁରୀ ଅଫିସ, ୧୪।୧୧:ପୁରୀ ପୌର ସଦନ ଛକସ୍ଥିତ ଏକ ହୋଟେଲରୁ ୩ଜଣ ଶିଶୁ ଶ୍ରମିକଙ୍କୁ ଗୁରୁବାର ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ କଟକ ଏବଂ ଅନ୍ୟ ୨ଜଣ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଓପନ ଶେଲ୍‌ଟରରେ ରଖାଯାଇଛି। ପ୍ରକାଶ ଯେ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରମାକାନ୍ତ ପାତ୍ର ସମ୍ପୃକ୍ତ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରେ ୩ଜଣ ଶିଶୁ ଶ୍ରମିକ କାମ କରୁଥିବା ଦେଖି ହୋଟେଲ ମାଲିକଙ୍କୁ ପଚରାଉଚୁରା କରିଥିଲେ। ସେ ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଟାଉନ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ୩ଜଣଙ୍କୁ ଉଦ୍ଧାର କରାଯାଇ କମିଟି ଆଗରେ ହାଜର କରାଯାଇଥିଲା। ଶିଶୁମାନଙ୍କ ପରିବାର ସହିତ ଯୋଗାଯୋଗ କରିବାକୁ ସମ୍ପୃକ୍ତ ଜିଲାର ଡିସିପିଓ ଏବଂ ସିଡବ୍ଲ୍ୟୁସିକୁ ଚିଠି ଲେଖାଯାଇଛି।

## ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି

ପୁରୀ ଅଫିସ, ୧୪।୧୧: ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଯୁବ ସମାଜ ଜାଗ୍ରତ ହେଲେ ଦେଶ ଆଗେଇବ। ଭବିଷ୍ୟତର ଭାରତ ଯୁବକମାନଙ୍କ ପ୍ରଗତି ଉପରେ ନିର୍ଭର କରେ ବୋଲି ଗୁରୁବାର ନେହେରୁ ଯୁବକେନ୍ଦ୍ର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ଏନ୍‌ୱାଇକେ ଜିଲା ସଂଯୋଜକ ଜୟଶଙ୍କର ଜୋଷୀଙ୍କ ସଭାପତିତ୍ୱରେ ଅମଲା କ୍ଲବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାୟୁସେନା ସେବା ନିବୃତ୍ତ ଅଧିକାରୀ ମନୋରଞ୍ଜନ ସାହୁ ଯୋଗଦେଇଥିଲେ। ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ ମୁଖ୍ୟବକ୍ତା, ଅଧାପିକା ସସ୍ମିତା ନାୟକ, ଶିକ୍ଷାବିତ୍ ସୁକାନ୍ତ ମହାନ୍ତି, ଯୁବ ସଙ୍ଗଠକ ପ୍ରଭାତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେବିନା ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ସୌଭାଗ୍ୟ ଦାଶ, ତାରା ପ୍ରସାଦ ଦାଶ, ଶିବାନନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ନିମାପଡ଼ା,୧୪।୧୧(ଡି.ଏନ୍.ଏ): ନିମାପଡ଼ା ଏନ୍‌ଏସି କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ମୋହନ ଚରଣ ଜେନା ବୁଧବାର ଯୋଗଦେବା ସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନିମାପଡ଼ା ଏନ୍‌ଏସିକୁ ଜିଲାର ବିକାଶମୁଖି ଏନ୍‌ଏସିରେ ପରିଣତ କରିବା ପାଇଁ ଗୁରୁତ୍ୱ ଦେବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଜେନା କହିଛନ୍ତି। ପ୍ରାୟ ୫ମାସ ଧରି ଏହି ପଦବୀ ଖାଲି ପଡ଼ିଥିଲା।

# ରବିଚାଷ ପାଇଁ ମିଳୁନି ବିହନ, ଚାଷୀ ହଟହଟା

କଣାସ, ୧୪।୧୧(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକର ଚାଷୀମାନେ ରବିଚାଷ ପାଇଁ ସରକାରୀ ଦୋକାନରୁ ବିହନ ପାଉ ନ ଥିବାରୁ ହଟହଟା ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖବର ନେବାରେ ଜଣାପଡିଛି, ଚଳିତ ବର୍ଷ ସାମୁଦ୍ରିକ ଝଡ଼ ବର୍ଷା ଯୋଗୁ ଚାଷୀମାନେ ରବି, ଧାନଫସଲ ହରାଇଥିଲେ। ଧାନଫସଲ ହରାଇବା ପରେ ଶାରଦ ଧାନଚାଷ ଜମିରେ କରିଥିବାବେଳେ ପୁନଶ୍ଚ ଲଘୁଚାପଜନିତ ବର୍ଷା ଯୋଗୁ ଶାରଦ ଧାନ ଫସଲ ମଧ୍ୟ ହରାଇ ବସିଛନ୍ତି। ରବି ଓ ଶାରଦ ଧାନ ହରାଇବା ପରେ ପୁନଶ୍ଚ ରବି ଫସଲ କରି ପରିବାର ପ୍ରତିପୋଷଣ କରିବା ପାଇଁ ଚାଷୀମାନେ ଚାହିଁ ବସିଥିବାବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ବିହନ କେନ୍ଦ୍ରଗୁଡ଼ିକରେ ବିହନ ମିଳୁ ନ ଥିବାରୁ ଚାଷୀମାନେ ବାରମ୍ବାର କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। କଣାସଠାରେ ଥିବା ସରକାରୀ ବିହନ ବିକ୍ରୟ କେନ୍ଦ୍ର ପଞ୍ଚୁପଦ୍ମା ମହିଳା ବହୁମୁଖୀ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ପଚାରିବାରୁ ଓଡ଼ିଶା ରାଜ୍ୟ ବିହନ ନିଗମ ଲିଃ ସମସ୍ତ ରବି ବିହନ ଯୋଗାଇଥାଏ। ଆମେ ବିହନ ଆଣିବା ପାଇଁ ଦୀର୍ଘ ୪ମାସ ହେଲା ଟଙ୍କା ଜମା କରିଛୁ। ବର୍ତ୍ତମାନ ସୁଦ୍ଧା ବିହନ ନିଗମ ବିହନ ଯୋଗାଇ ନ ଥିବାରୁ ଚାଷୀମାନେ ଆମ ଉପରେ ବିରକ୍ତି ପ୍ରକାଶ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହନ ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଅର୍ଥକରୀ ଫସଲ କ୍ଷତି ସହାୟତା ମିଳିନି

■ କୃଷକ କନ୍‌ଭେନଶନ୍‌ରେ ଅସନ୍ତୋଷ

ପୁରୀ ଅଫିସ,୧୪।୧୧:

ବାତ୍ୟା ଫନୀକୁ ୬ମାସ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ଚାଷୀଙ୍କୁ କ୍ଷୟକ୍ଷତି ସହାୟତା ମିଳିଲା ନାହିଁ। ଘରଭଙ୍ଗା ସହାୟତାରେ ପାତର ଅନ୍ତର କରାଯାଇଛି। ଫଳରେ ଅନେକ ଥିଲାବାଲା ଲୋକ ସହାୟତା ରାଶି ହାତେଇଥିବାବେଳେ ପ୍ରକୃତ କ୍ଷତିଗ୍ରସ୍ତ ବାଦ୍ ପଡ଼ିଛନ୍ତି। ସେହିପରି ନଡ଼ିଆ, ଆମ୍ବ, ଗୁଆ, ପୋଲାଙ୍ଗ, କାଜୁ ଇତ୍ୟାଦି ଅର୍ଥକରୀ ଫସଲ ଲାଗି ଯାହା କ୍ଷତିପୂରଣ ଘୋଷଣା କରାଗଲା ତାହା ଏ ପର୍ଯ୍ୟନ୍ତ ଚାଷୀଙ୍କୁ ମିଳିଲା ନାହିଁ। ଚାଷୀ ତହସିଲ, ଜିଲାପାଳଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ହତାଶ ହୋଇପଡ଼ିଲେଣି। ଧାନମଣ୍ଡି ମଧ୍ୟ ଠିକ୍ ଭାବେ ଖୋଲୁନାହିଁ। ଏଭଳି ବିବିଧ ସମସ୍ୟାକୁ ନେଇ ସ୍ଥାନୀୟ ମଙ୍ଗଳ ମଣ୍ଡପରେ ମିଳିତ କୃଷକ କନ୍‌ଭେନସନରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସାହାଯ୍ୟ, ଫସଲର ଉପଯୁକ୍ତ ମୂଲ୍ୟ, ଶାମୁକା ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ଭୂମିହୀନଙ୍କୁ ବଣ୍ଟନ, ପରିବେଶ ସୁରକ୍ଷା ଆଦି ୫ଦଫା ଦାବି ନେଇ ଏହି କନ୍‌ଭେନସନ ଅନୁଷ୍ଠିତ ହୋଇଥିଲା। ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କିଶାନ ପଟ୍ଟନାୟକ, ଜଗନ୍ନାଥ ଦେଓ, ଶ୍ରୀକାନ୍ତ ମହାନ୍ତି, ଜମ୍ବେଶ୍ୱର ସାମନ୍ତରାୟ, ତପନ ଉପାଧ୍ୟାୟ, ବଟକୃଷ୍ଣ ସ୍ୱାଇଁ, ବିଦ୍ୟାଧର ଦଳାଇ, ମୋହନ ନାଇଡୁ, ପ୍ରତାପ ଚିନାରା ପ୍ରମୁଖ କୃଷକ ନେତା ଏହି କନ୍‌ଭେନସନରେ ଉପସ୍ଥିତ ଥିଲେ।

## ପୋଷ୍ୟ ସନ୍ତାନ ସଚେତନତା ରଥ ଉଦ୍‌ଘାଟିତ



ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ରଥ ଉଦ୍‌ଘାଟନ କରାଯାଉଛି।

ପୁରୀ ଅଫିସ, ୧୪।୧୧:

ପୁରୀ ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ଶାଖା ମିଳିତ ଆନୁକୂଲ୍ୟରେ ଗୁରୁବାର ଶିଶୁ ଦିବସରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଏହି ରଥ ସପ୍ତାହେ ବ୍ୟାପୀ ଜିଲାର ୧୧ଟି ବ୍ଲକ ଓ ବିଭିନ୍ନ ପଞ୍ଚାୟତରେ ବୁଲି ପୋଷ୍ୟ ସନ୍ତାନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ଏଥିସହିତ ପଥପ୍ରାନ୍ତ ନାଟକ, ସଭା ମାଧ୍ୟମରେ ମଧ୍ୟ ପୋଷ୍ୟ ସନ୍ତାନ ନିୟମାବଳୀ ୨୦୧୭ ଓ କିଶୋର ନ୍ୟାୟ ଆଇନ ଅଧିନିୟମ ୨୦୧୫ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁମନ୍ତ କର, ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅପରାହ୍ନରେ ଜିଲା ପୌରାଞ୍ଚଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ଜଣ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ। ସେହିପରି ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଜିଲା ଜଜ୍ ବିଦ୍ୟୁତ କୁମାର ମିଶ୍ର ପତାକା ଦେଖାଇ ସଚେତନତା ରଥକୁ ସ୍ୱାଗତ କରିଥିଲେ। ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଜିଲା କିଶୋର ନ୍ୟାୟ ପରିଷଦର ଅଧକ୍ଷ ମନୋଜ କୁମାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୫୦ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି।

# ସେବା ପାଇଁ ସମ୍ବର୍ଦ୍ଧନା

ପୁରୀ ଅଫିସ,୧୪।୧୧:



ହବିଶିଆଳି ଶିବିରରେ ସେବା ପାଇଁ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମାସେ ପର୍ଯ୍ୟନ୍ତ ହବିଷିଆଳିଙ୍କ ସେବାରେ ନିୟୋଜିତ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି ଓ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ଟାଉନ ହଲ୍ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲାପାଳ ବଲୱନ୍ତ ସିଂ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପ୍ରଦାନର ପ୍ରଶଂସା କରିଥିଲେ। ନରେନ୍ଦ୍ରକୋଣ ହବିଷିଆଳି କେନ୍ଦ୍ର, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ମୋଟ ୨୫୨୯ ଜଣ ହବିଷିଆଳି ରହିଥିବାବେଳେ ୧୨୫୮ ଜଣ ଅଧିକାରୀ ଏବଂ କର୍ମକର୍ତ୍ତା ନିୟୋଜିତ ଥିଲେ। କର୍ମଚାରୀଙ୍କ ଅନୁଭୂତି ନେଇ ଏକ ପତ୍ରିକା ପ୍ରକାଶ ସହ କ୍ଷୁଦ୍ର ଭିଡିଓ ପ୍ରସ୍ତୁତ କରାଯିବା ନିମନ୍ତେ ଜିଲାପାଳ ଘୋଷଣା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ବିଶେଷକରି ରେଡ୍‌କ୍ରସ, ୟୁଥ୍ ଫର୍ ବେଟର ପୁରୀ, ସୁଆର ମହାସୁଆର ନିଯୋଗ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତା ବଖାଣିଥିଲେ। ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଗ ଦୋକାନୀଙ୍କ ସାଧୁତା ମନ୍ଦିରରେ ଛାଡ଼ିଥିବା ପର୍ସ ଫେରିପାଇଲେ ଗୁଜରାଟ ତୀର୍ଥଯାତ୍ରୀ

ସାକ୍ଷୀଗୋପାଳ, ୧୪।୧୧(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିରକୁ ଠାକୁରଙ୍କ ଦର୍ଶନ ନିମନ୍ତେ ଆସିଥିବା ଜଣେ ତୀର୍ଥଯାତ୍ରୀ ଭୋଗ ଦୋକାନରେ ଛାଡି ଯାଇଥିବା ତାଙ୍କ ପର୍ସ ଫେରିପାଇଛନ୍ତି। ଭୋଗ ଦୋକନୀ ଅର୍ଜୁନ ବାରିକ ଓ ମନ୍ଦିର ଫାଣ୍ଡି ପୋଲିସ କର୍ମଚାରୀ ଲିଙ୍ଗରାଜ ଜେନାଙ୍କ ସାଧୁତା ଯୋଗୁ ଏହା ସମ୍ଭବ ହୋଇଛି। ଗୁରୁବାର ଗୁଜୁରାଟର ବାସୁଦେବ ଭିଖାଲାଲ ଯୋଶୀ ଓ ସାଥୀ ମାନେ ମନ୍ଦିରକୁ ଆସିଥିଲେ। ସାକ୍ଷୀଗୋପାଳଙ୍କ ଦର୍ଶନ ପରେ ସେମାନେ ମନ୍ଦିର ସମ୍ମୁଖ ଭୋଗ ଦୋକାନରୁ ଭୋଗ କିଣିବା ପରେ ବାସୁଦେବ ସେଠାରେ ମନିପର୍ସ ଟି ଛାଡିଯାଇଥିବା ଦୋକାନୀ ଅର୍ଜୁନ ପ୍ରଥମେ ଦେଖିଥିଲେ। ସେ ସଙ୍ଗେସଙ୍ଗେ ଫାଣ୍ଡି ପୋଲିସ ଲିଙ୍ଗରାଜଙ୍କୁ ଡାକି ପର୍ସ ଦେଇଥିଲେ। ପର୍ସ ମଧ୍ୟରେ ରହିଥିବା ପେମେଣ୍ଟ ଆଇଡି କାର୍ଡରେ ବାସୁଦେବଙ୍କ ମୋବାଇଲ ନଂ ରେ ଲିଙ୍ଗରାଜ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ପୁରୀ ପଳାଇଯାଇଥିବା ବାସୁଦେବ ସାକ୍ଷୀଗୋପାଳ ମନ୍ଦିର ଫାଣ୍ଡିରେ ପହଞ୍ଚିଥିଲେ। ପର୍ସ ମଧ୍ୟରେ ରହିଥିବା ୪ ହଜାର ୯୬୫ ଟଙ୍କା, ଆଧାର କାର୍ଡ, ପାନକାର୍ଡ ଓ ପେମେଣ୍ଟ ଆଇଡି କାର୍ଡ ମିଳିଯିବାରୁ ସେ ଅତ୍ୟନ୍ତ ଖୁସିବ୍ୟକ୍ତ କରି ଭୋଗ ଦୋକାନୀ ଓ ପୋଲିସ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

■ ପୁରୀ ଜିଲାରେ 'ମୋ ସ୍କୁଲ ଅଭିଯାନ'

## ୧ କୋଟି ୩୫ ଲକ୍ଷ ୧୧ହଜାର ଟଙ୍କା ସଂଗୃହୀତ

ପୁରୀ ଅଫିସ,୧୪।୧୧:

୨୦୧୭ ନଭେମ୍ବର ୧୪ରେ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକ ମୋ ସ୍କୁଲ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ବିଦ୍ୟାଳୟକୁ ସାମର୍ଥ୍ୟ ଅନୁଯାୟୀ ସହଯୋଗ କରିବେ। ଲବ୍ଧ ଅନୁଦାନର ୨ଗୁଣା ସରକାର ବହନ କରିବେ। ଏହି ଅର୍ଥରେ ବିଦ୍ୟାଳୟର ବିକାଶ ଓ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଶିକ୍ଷା ବାତାବରଣ ସୃଷ୍ଟି କରାଯିବ। ଗୁରୁବାର ଏହି ଅଭିଯାନକୁ ୨ବର୍ଷ ବିତିଥିବାବେଳେ ପୁରୀ ଜିଲାର ବିଭିନ୍ନ ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ୧ କୋଟି ୩୫ ଲକ୍ଷ ୧୧ ହଜାର ୨୦ ଟଙ୍କା ଦାନ କରିଛନ୍ତି। ସରକାର ଏହାର ଦୁଇଗୁଣା ଅର୍ଥାତ୍ ୨ କୋଟି ୭୦ଲକ୍ଷ ୨୨ ହଜାର ୪୦ ଟଙ୍କା ଦେବା ପରେ ମୋଟ ଅନୁଦାନ ହୋଇଛି ୪ କୋଟି ୫ ଲକ୍ଷ ୩୩ ହଜାର ୩୦୬ ଟଙ୍କା। ଏଥିରେ ଜିଲାର ବିଭିନ୍ନ ସ୍କୁଲର ବିକାଶ କରାଯିବ। ଗୁରୁବାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପୁରୀ ଜିଲାପାଳଙ୍କ ସହ ଏହି ଅଭିଯାନ ନେଇ ସମୀକ୍ଷା କରିଛନ୍ତି। ଓସୱାନ ହଲ୍‌ରେ ଅନୁଷ୍ଠିତ ଭିଡିଓ କନ୍‌ଫରେନ୍ସିଂରେ ଏହି ତଥ୍ୟ ମିଳିଛି।

■ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

## ଏମ୍‌ଜିଏନ୍‌ଆର୍‌ଜିଏସ୍‌ରୁ ମୁହଁ ଫେରାଉଛନ୍ତି ଶ୍ରମଜୀବୀ

ସାକ୍ଷୀଗୋପାଳ, ୧୪।୧୧(ଡି.ଏନ୍.ଏ.)

କାମ ଧନ୍ଦା ବିନା ଅଭାବ ଅନାଟନରେ ଗାଁରେ ରହୁଥିବା ଶ୍ରମଜୀବୀମାନଙ୍କୁ ବର୍ଷକୁ ଅତିକମ୍‌ରେ ଶହେଦିନ କାମ ଯୋଗାଇଦେଇ ନିଶ୍ଚିତ ରୋଜଗାରକ୍ଷମ କରିବା ନିମନ୍ତେ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କରିଛନ୍ତି। ଏଥିରେ ସାମିଲ ହୋଇଥିବା ଗରିବ ଗୁରୁବା ଲୋକେ ପଞ୍ଚାୟତରେ ନିଜ ନିଜର ନାମ ପଞ୍ଜୀକରଣ କରାଇ ଜବକାର୍ଡ ହାସଲ କରିଛନ୍ତି। ସତ୍ୟବାଦୀ ବ୍ଲକରେ ହାରାହାରି ୨୨ ହଜାର ହିତାଧିକାରୀ ରହିଥିବାବେଳେ ଯୋଜନାର ଠିକ୍ ରୂପାୟନ ଏବଂ ମଜୁରୀ ପ୍ରଦାନ କ୍ଷେତ୍ରରେ ଅବ୍ୟବସ୍ଥା କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସପାଇ ଏବେ ସାଢ଼େ ୭ ହଜାରରେ ପହଞ୍ଚିଲାଣି ବୋଲି ଗୁରୁବାର ସତ୍ୟବାଦୀ ବ୍ଲକସ୍ତରୀୟ ଜନ ଶୁଣାଣୀ ତଥା ସମୀକ୍ଷା ଶିବିରରେ ଏହି ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଶିବିରରେ ଯୋଗଦେଇ ବିଭିନ୍ନ ପଞ୍ଚାୟତର ହିତାଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ସେମାନଙ୍କର ସମସ୍ୟା ସମାଧାନ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ ଶିବିର ପରିଚାଳନା କରିଥିଲେ। ଏପିଓ ସନ୍ତୋଷ କୁମାର ନାୟକ, ସାମାଜିକ ସମୀକ୍ଷକ ପ୍ରକାଶ ଜେନା, ସହକାରୀ ଉଦ୍ୟାନ ଅଧିକାରୀ ଦେବଦାସ ଦତ୍ତ, ମୃତ୍ତିକା ସଂରକ୍ଷଣ ବିଭାଗର ସଂପ୍ରସାରଣ ଅଧିକାରୀ ଅଶୋକ କୁମାର ପଣ୍ଡା, ପ୍ରମୁଖ ଏହି ଶିବିରରେ ଯୋଗଦେଇଥିଲେ। ସରପଞ୍ଚ ବିଶ୍ୱଜିତ ମହାପାତ୍ର, ସୁବାଷ ଚନ୍ଦ୍ର ମହାପାତ୍ର, ପ୍ରକାଶ ଚନ୍ଦ୍ର ଖଟେଇ, ସମିତି ସଭ୍ୟ ଜଳନ୍ଧର ସେଠୀ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଗତ ବର୍ଷ ସତ୍ୟବାଦୀ ବ୍ଲକରେ ଏହି ଯୋଜନାରେ କୌଣସି ସମନ୍ୱିତ କାର୍ଯ୍ୟ କରାଯାଇ ନ ଥିବା କହିଥିଲେ। ଅନ୍ୟପକ୍ଷରେ ଗ୍ରାମୀଣ ଗୃହ ନିର୍ମାଣ ଓ ପାଇଖାନା ନିର୍ମାଣରେ ନିୟୋଜିତ ଶ୍ରମିକ ମାନଙ୍କର ମଜୁରୀ ପ୍ରଦାନ କରାଯଉ ନ ଥିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ବ୍ରହ୍ମଗିରିରୁ ଫିଶିଂ କ୍ୟାଟ୍ ଉଦ୍ଧାର

ବ୍ରହ୍ମଗିରି, ୧୪।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ୍ ଅଧୀନ ଯାଆଁଳା ଗ୍ରାମରୁ ଗୁରୁବାର ଏକ ଫିଶିଂ କ୍ୟାଟ୍‌କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଗୁରୁବାର ସକାଳୁ ଏକ ଜାଲ ମଧ୍ୟରେ ଏହି ଫିଶିଂ କ୍ୟାଟ୍‌ଟି ପଡ଼ିଯାଇଥିଲା। ଫିଶିଂ କ୍ୟାଟ୍‌ଟି ସିଡ୍ୟୁଲ୍-୧ ଶ୍ରେଣୀର ହୋଇଥିବାରୁ ସ୍ଥାନୀୟ ଲୋକେ ବ୍ରହ୍ମଗିରି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବ୍ରହ୍ମଗିରି ରେଞ୍ଜ୍ ଅଧିକାରୀ ରଜତ ମହାପାତ୍ର ଓ ସ୍ନେକ୍ ହେଲପ୍‌ଲାଇନର ସଦସ୍ୟ ସିଦ୍ଧାର୍ଥ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଉଦ୍ଧାର କରିଥିଲେ। ପରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ କରି ଜଙ୍ଗଲରେ ଛଡାଯାଇଥିବା ରେଞ୍ଜ୍ ଅଧିକାରୀ କମହାପାତ୍ର କହିଛନ୍ତି।



ପୁରୀ ଘୋଡାବଜାର ଶିଶୁ ମନ୍ଦିରରେ ଛାତ୍ରୀମାନେ କନ୍ୟା ଶିବିରରେ ମାଣବସା ପୂଜା କରୁଛନ୍ତି।

## ସଂସ୍କୃତି ସମ୍ପର୍କରେ ଜ୍ଞାନ ଆହରଣ କଲେ ଛାତ୍ରୀ

ପୁରୀ ଅଫିସ, ୧୪।୧୧:

ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଶିଶୁ ଦିବସ ସହ କନ୍ୟା ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଆଚାର୍ଯ୍ୟା ପ୍ରତିମା ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଗପୁର ସେବିକା ସମିତି ସଦସ୍ୟା ଜୟା ଅବିନାଶ କାଲେ ମୁଖ୍ୟବକ୍ତା, ରାଷ୍ଟ୍ର ସେବିକା ସମିତି ପ୍ରାନ୍ତ ପ୍ରଚାରିକା ଲତିକା ପାଢୀ, ସଙ୍କୁଳ ପ୍ରମୁଖ ଅଭିମନ୍ୟୁ ପ୍ରଧାନ, ପରିଚାଳନା ସଭାପତି ଡା. ସୁନିଲ ଚକ୍ରବର୍ତ୍ତୀ, ସମ୍ପାଦକ ପ୍ରିୟରଞ୍ଜନ ଜେନା ଉପସ୍ଥିତ ଥିଲେ। ହିନ୍ଦୁ ସଂସ୍କୃତି ଆଧାରିତ ଆଦର୍ଶ ପରିବାରର ନମୁନା, ମାଣବସା ପୂଜା ପଦ୍ଧତି,ମହିଳାଙ୍କ ପରିଚୟ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ଛାତ୍ରୀମାନେ ଜ୍ଞାନ ଆହରଣ କରିଥିଲେ।

## ୧୨ ବାଳିକା ମୁଷ୍ଟିଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୧୪।୧୧:

ଦିଲ୍ଲୀରେ ଆସନ୍ତା ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ୬୫ତମ ଜାତୀୟ ବିଦ୍ୟାଳୟସ୍ତରୀୟ ମୁଷ୍ଟି ଯୋଦ୍ଧା (ବକ୍ସିଂ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁରୀ ବକ୍ସିଂ ଏକାଡେମୀ ଅଧୀନରେ ତାଲିମ ନେଉଥିବା ୧୨ଜଣ ବାଳିକା ଏଥିପାଇଁ ଚୟନ ହୋଇଛନ୍ତି। ଏକାଡେମୀ ପକ୍ଷରୁ ଗୁରୁବାର ଇନ୍‌ଡୋର ଷ୍ଟାଡିୟମରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏକାଡେମୀ ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ସୁନ୍ଦରଗଡ଼ ଜିଲା ବକ୍ସିଂ ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇ ଏହି ମୁଷ୍ଟିଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏମାନେ ପ୍ରତିଯୋଗିତାରେ ଭାଗ ନେବାକୁ ଗୁରୁବାର ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି।



ଚୟିତ ବାଳିକାଙ୍କ ଗହଣରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ଅନ୍ୟମାନେ।

■ ଛାତ୍ରୀଛାତ୍ରଙ୍କ ଗହଣରେ ୨ଘଣ୍ଟା ବିତାଇଲେ ଗଣଶିକ୍ଷା ମନ୍ତ୍ରୀ

# ବିଇଓଙ୍କୁ ତାଗିଦ, ଶିକ୍ଷାକୁ ଗୁରୁତ୍ୱ ଦିଅ

ଗୋପ, ୧୪।୧୧(ଡି.ଏନ୍.ଏ.)



ଗଣ ଶିକ୍ଷା ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ଶିଶୁ ଦିବସ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ଗୋପ ଅଞ୍ଚଳରେ ପହଞ୍ଚି ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶିଶୁ ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ ଚାଚା ନେହେରୁଙ୍କ ବିଷୟରେ ବକ୍ତବ୍ୟ ଦେଇଥିଲେ। ପରେ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିବାବେଳେ ଛାତ୍ରୀଛାତ୍ରମାନେ ଠିକ୍ ଉତ୍ତର ଦେଇପାରି ନ ଥିଲେ। ଏ ନେଇ ମନ୍ତ୍ରୀ ଦାଶ ବିରକ୍ତି ପ୍ରକାଶ କରିଥିଲେ।

ସକାଳ ୮ଟାରେ ମନ୍ତ୍ରୀ ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ପରେ ମଧ୍ୟ ସେଠାରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ସମେତ ବରିଷ୍ଠ ପଦାଧିକାରୀମାନଙ୍କୁ ଦେଖିବାକୁ ମିଳି ନ ଥିଲା। ଛାତ୍ରୀଛାତ୍ରମାନଙ୍କ ଗହଣରେ ଗଣଶିକ୍ଷା ମନ୍ତ୍ରୀ କିଛି ସମୟ ବିତାଇଥିଲେ। ପରେ ବ୍ଲକରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ବିଇଓଙ୍କୁ ତାଗିଦ୍ କରିଥିଲେ। ଏହାପରେ ମନ୍ତ୍ରୀ ଗୋପର ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ବାଣ, ବାଜା, ରୋଶଣି ମାଧ୍ୟମରେ ଯାଇଥିବାବେଳେ ସେଠାରେ ଛାତ୍ରୀଛାତ୍ରମାନଙ୍କ ସହ କିଛି ସମୟ ବିତାଇ ମ୍ୟୁଜିକ୍ ଚେୟାର ଖେଳରେ ଭାଗନେଇଥିଲେ। ଏଠାରେ ପ୍ରଶ୍ନ ଉଠେ, ଖୋଦ୍ ମନ୍ତ୍ରୀଙ୍କ ଅଞ୍ଚଳରେ ସରକାରୀ ଶିକ୍ଷା ପଛରେ ପଡ଼ିଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଏତେ ପ୍ରୀତି କାହିଁକି ସେନେଇ ସାଧାରଣରେ ଆଲୋଚନା ହେଉଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଚାରିବାରେ ଶିକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ବିଶେଷକରି ଶିକ୍ଷାରେ ସୁଧାର ଆଣିବା ଲାଗି ମନିଟରିଂର ଆବଶ୍ୟକତା ଦରକାର ବୋଲି କହିଥିଲେ।